### ବିପିୟୁଟିର ୧୦ମ ସମାବର୍ତ୍ତନ ଉତ୍ସବ

# ୧୧୯ ଜଣଙ୍କୁ ସ୍ୱର୍ଣ୍ଣ ପଦକ, ୭୩ ଜଣଙ୍କୁ ପିଏଚ୍‌ଡି ପ୍ରଦାନ






ରାଉରକେଲା,୧୩।୨(ସମିସ)

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ର ୧୦ମ ସମାବର୍ତ୍ତନ ଉତ୍ସବ ମଙ୍ଗଳବାର ଅନୁଷ୍ଠାନର ନେତାଜୀ ସୁଭାଷ ଅଡିଟୋରିଅମରେ ଅନୁଷ୍ଠିତ ହୋଇଛି। ରାଜ୍ୟପାଳ ତଥା ବିପିୟୁଟି କୁଳାଧିପତି ରଘୁବର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିପିୟୁଟି କୁଳପତି ଅମୀୟ ରଞ୍ଜନ ରଥ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ସବରେ ୧୧୯ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ଏବଂ ୭୩ ଜଣଙ୍କୁ ପିଏଚ୍‌ଡି ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ ଦାସ ଆଧୁନିକ ଓଡ଼ିଶାର ନିର୍ମାତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଶକ୍ତି ଏବଂ ସାମର୍ଥ୍ୟକୁ ବ୍ୟବହାର କରି ଓଡ଼ିଶାକୁ ଏକ ପ୍ରଗତିଶୀଳ ତଥା ସମୃଦ୍ଧ ରାଜ୍ୟ ଗଠନ କରିବା ବିଜୁଙ୍କ ସ୍ୱପ୍ନ ଥିଲା। ସମସ୍ତ ସ୍ୱର୍ଣ୍ଣ ପଦକ ବିଜେତା ଏବଂ ଡିଗ୍ରୀଧାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି କହିଲେ, ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟି) ଦେଶର ସର୍ବ ବୃହତ ଅନୁଷ୍ଠାନ ମଧ୍ୟରେ ଗୁଣାତ୍ମକ ବୈଷୟିକ ଜନଶକ୍ତି ଉତ୍ପାଦନ କରୁଥିବା ଏକ ବିଶ୍ୱ ବ୍ରାଣ୍ଡ ପ୍ରତିଷ୍ଠାନ। ଏହି ବିଶ୍ୱବିଦ୍ୟାଳୟ ସହ ଜଡ଼ିତ କୁଳପତି, ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ ମନୋଭାବ, ସଚ୍ଚୋଟତା ଏବଂ ପ୍ରତିବଦ୍ଧତା ଆଜି ବିପିୟୁଟିକୁ ବିଶ୍ୱସ୍ତରୀୟ ସମ୍ମାନ ଆଣିଦେଇଛି ବୋଲି ରାଜ୍ୟପାଳ ଦାସ କହିଥିଲେ।

ଏହି ଅବସରରେ ଇଞ୍ଜିନିୟରିଂରେ ୪୩ ଜଣ, ଫାର୍ମାସୀରେ ୨୨ ଜଣ, ମ୍ୟାନେଜମେଣ୍ଟରେ ୨ ଜଣ, କମ୍ପ୍ୟୁଟର ଆପ୍ଲିକେସନ୍‌ରେ ୬ ଜଣଙ୍କୁ ପିଏଚଡି ଉପାଧି ପ୍ରଦାନ କରାଯାଇଥିଲା। ସେହିପରି ୩୬୭୭ ଜଣଙ୍କୁ ମାଷ୍ଟର ଅଫ ଟେକ୍ନୋଲୋଜି, ୩୪ ଜଣଙ୍କୁ ମାଷ୍ଟର ଅଫ୍ ଏଗ୍ରିକଲଚର, ୨୦୧୧ ଜଣଙ୍କୁ ମାଷ୍ଟର ଅଫ୍ ଫାର୍ମାସୀ, ୩୨ ଜଣଙ୍କୁ ମାଷ୍ଟର ଅଫ୍ ପ୍ଲାନିଂ, ୫୨୪ ଜଣଙ୍କୁ ମାଷ୍ଟର ଅଫ୍ ସାଇନ୍ସ, ୧୬୯ ଜଣଙ୍କୁ ମାଷ୍ଟର ଅଫ୍ ସାଇନ୍ସ (ଇଣ୍ଟିଗ୍ରେଟେଡ୍), ୧୭,୫୫୦ ଜଣଙ୍କୁ ମାଷ୍ଟର ଅଫ୍ ବିଜନେସ ଆଡମିନିଷ୍ଟ୍ରେସନ, ୧୪୭ ଜଣଙ୍କୁ ମାଷ୍ଟର ଅଫ୍ ବିଜନେସ ଆଡମିନିଷ୍ଟ୍ରେସନ (ଇଣ୍ଟିଗ୍ରେଟେଡ୍), ୫୯୩୨ ଜଣଙ୍କୁ ମାଷ୍ଟର ଅଫ୍ କମ୍ପ୍ୟୁଟର ଆପ୍ଲିକେସନ୍, ୮୫,୩୯୩ ଜଣଙ୍କୁ ବ୍ୟାଚଲର ଅଫ୍ ଟେକ୍ନୋଲୋଜି, ୮୨୬ ଜଣଙ୍କୁ ବ୍ୟାଚଲର ଅଫ୍ ଏଗ୍ରିକଲଚର, ୧୧୧ ଜଣଙ୍କୁ ବ୍ୟାଚଲର ଅଫ୍ ପ୍ଲାନିଂ, ୬୪୩୧ ଜଣଙ୍କୁ ବ୍ୟାଚଲର ଅଫ୍ ଫାର୍ମାସୀ, ୨ ଜଣଙ୍କୁ ବ୍ୟାଚଲର ଅଫ୍ ସାଇନ୍ସ (ସମ୍ମାନ), ଜଣଙ୍କୁ ବ୍ୟାଚଲର ଅଫ୍ ବିଜନେସ୍ ଆଡମିନିଷ୍ଟ୍ରେସନ ଉପାଧି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ଡ. ସଞ୍ଜୟ କୁମାର ନାୟକ, ଡିଆରଡିଓ ନିର୍ଦ୍ଦେଶକ ଡ. ବିନୟ କୁମାର ଦାସ, ଏନଏଏସିର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଏସସି ଶର୍ମାଙ୍କୁ ଡକ୍ଟର ଅଫ୍ ସାଇନ୍ସ ଉପାଧି ପ୍ରଦାନ କରାଯାଇଥିଲା।

---

ଜେଇଇ ମେନ୍ ପରୀକ୍ଷାରେ ଡିଏଭି ସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା

## ଅଙ୍କିତ ରଖିଲେ ୯୯.୬୪ ପର୍ସେଣ୍ଟାଇଲ୍ ମାର୍କ

### ଦିଲ୍ଲୀ ପବ୍ଲିକ ସ୍କୁଲର ଜାଆଁଳା ଭଉଣୀଙ୍କ କମାଲ୍


ରିଷବ ପାତ୍ର


ତନ୍ମୟ ପ୍ରତିହାରୀ


ସମର୍ପଣ ଆଚାର୍ଯ୍ୟ


ରଶ୍ମିପ୍ରକାଶ ପଲାଇ


ଅଙ୍କିତା ଜେନା


ପ୍ରୀତି ପ୍ରିୟମ୍ବଦା


ପ୍ରଜ୍ଞା ପରମିତା

**ରାଉରକେଲା,୧୩।୨(ସମିସ):** ଜାନୁଆରୀ ୨୪ରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଜେଇଇ ମେନ୍ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ରାଉରକେଲା ଡିଏଭି ସ୍କୁଲ ଛାତ୍ରଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ସ୍କୁଲର ଅଙ୍କିତ ସାହୁ ୯୯.୬୪ ପର୍ସେଣ୍ଟାଇଲ୍ ମାର୍କ ରଖିଛନ୍ତି। ସେହିପରି ରିଷବ ପାତ୍ର ୯୯.୪୬, ତନ୍ମୟ ପ୍ରତିହାରୀ ୯୯.୪୦, ସମର୍ପଣ ଆଚାର୍ଯ୍ୟ ୯୯.୧୯, ରଶ୍ମି ପ୍ରକାଶ ପଲାଇ ୯୯.୦୨ ଏବଂ ଅଙ୍କିତା ଜେନା ୯୮.୬୯ ପର୍ସେଣ୍ଟାଇଲ୍ ମାର୍କ ରଖିଥିବା ଜଣାପଡ଼ିଛି। ରାଉରକେଲା ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରୀ ତଥା ଜାଆଁଳା ଭଉଣୀ ଏହି ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ଛାତ୍ରୀ ପ୍ରୀତି ପ୍ରିୟମ୍ବଦା ୯୯.୪୨ ପର୍ସେଣ୍ଟାଇଲ୍ ମାର୍କ ରଖିଥିବା ବେଳେ ତାଙ୍କ ଜାଆଁଳା ଭଉଣୀ ପ୍ରଜ୍ଞା ପରମିତା ୯୯.୩୫ ପର୍ସେଣ୍ଟାଇଲ୍ ମାର୍କ ରଖି ସ୍କୁଲର ଗୌରବ ବୃଦ୍ଧି କରିଛନ୍ତି। ଛେଣ୍ଡ ଚିନ୍ମୟ ବିଦ୍ୟାଳୟ ଛାତ୍ର ୯୯.୨୬ ପର୍ସେଣ୍ଟାଇଲ୍ ମାର୍କ ରଖିଥିବା ବେଳେ ସେହି ସ୍କୁଲର ମଳୟ ଧଳ ୯୫.୭୦ ପର୍ସେଣ୍ଟାଇଲ୍ ମାର୍କ ରଖିଥିବା ଜଣାପଡ଼ିଛି।

---

## ଲୁହା ରେଞ୍ଚିରେ ପିଟି ଯୁବକଙ୍କୁ ନିର୍ମମ ହତ୍ୟା

### କାରଣ ଅସ୍ପଷ୍ଟ, ଜଣେ ଅଟକ



**ରାଉରକେଲା,୧୩।୨(ସମିସ):** ସ୍ଥାନୀୟ ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଏକ ପରିତ୍ୟକ୍ତ ଘରୁ ପୁଲିସ ଜଣେ ଯୁବକଙ୍କ ରକ୍ତ ଜୁଡ଼ୁବୁଡ଼ୁ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ସ୍ଥାନୀୟ ଅଞ୍ଚଳର ଅମର ତନ୍ତୀ ଓରଫ ଗୁଡୁ (୨୯)। ଅମରଙ୍କୁ ଲୁହା ରେଞ୍ଚିରେ ପିଟିପିଟି ନିର୍ମମ ଭାବେ କେହି ହତ୍ୟା କରିଥିବା ଜଣାପଡ଼ିଛି। ପୁଲିସ ଏହି ଘଟଣାରେ ଜଣେ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ସେକ୍ଟର ଏ/୪୫୨ କ୍ୱାର୍ଟର୍ସରେ ମଙ୍ଗଳବାର ସକାଳେ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଅମର ପଡ଼ିଥିବା ପରିବାର ଲୋକେ ଦେଖି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅମରଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନା ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ମଙ୍ଗଳବାର ପୁଲିସ ଶବ ପଞ୍ଚନାମା ପରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାସ୍ଥଳରୁ ପୁଲିସ ରକ୍ତଛିଟା ଲାଗିଥିବା ରେଞ୍ଚି ଜବତ କରିଥିବା ବେଳେ ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ। ହତ୍ୟାକାଣ୍ଡ ଘଟିଥିବା କ୍ୱାର୍ଟର୍ସ ରେଲୱେ ଅଧୀନରେ ଥିବା ବେଳେ କିଛି ବର୍ଷରୁ ଅମର ତାହାକୁ ଅକ୍ତିଆର କରି ରହିଆସୁଥିଲେ। ତାଙ୍କ ପରିବାର କ୍ୱାର୍ଟର୍ସ ସମ୍ମୁଖରେ ରୁହନ୍ତି। ଅମର ବିଭିନ୍ନ ଚୋରି ମାମଲାରେ ଜଡ଼ିତ ଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବନ୍ଧମୁଣ୍ଡା ଅଞ୍ଚଳରେ ଥିବା ରେଲୱେର ଅନେକ କ୍ୱାର୍ଟର୍ସ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଫଳରେ ଅସାମାଜିକ ଗୋଷ୍ଠୀ ଏହାକୁ ଅକ୍ତିଆର କରି ନିଶା ଆଡ୍ଡା ଜମାଉଥିବା ଅଭିଯୋଗ ହୋଇଛି। ସେହିପରି ଆରଏସପି ଅନ୍ତର୍ଗତ ବିଭିନ୍ନ ସେକ୍ଟର ଅଞ୍ଚଳରେ ମଧ୍ୟ ଅନେକ କ୍ୱାର୍ଟର୍ସ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଫଳରେ କ୍ୱାର୍ଟର୍ସଗୁଡ଼ିକରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

---

## ଡ. ଭଗବାନ ପଟେଲଙ୍କୁ ବାଲିଘର ପ୍ରବନ୍ଧ ସମ୍ମାନ



**ସୁନ୍ଦରଗଡ଼,୧୩।୨(ସମିସ):** ଜଗତସିଂହପୁରଠାରେ ଆୟୋଜିତ ବାଲିଘର ସାହିତ୍ୟ ସଂସଦର ୭୪ତମ ବାର୍ଷିକ ଉତ୍ସବରେ ଓଡ଼ିଶାର ବରିଷ୍ଠ ପ୍ରବନ୍ଧକ ଡ. ଭଗବାନ ପଟେଲଙ୍କୁ ବାଲିଘର ପ୍ରବନ୍ଧ ସମ୍ମାନ-୨୦୨୪ ପ୍ରଦାନ କରାଯାଇଛି। ଟାଙ୍ଗରପାଲି ବ୍ଲକ ଦଳଦଳି ଗ୍ରାମରେ ଜନ୍ମିତ ଡ. ପଟେଲ ପଶ୍ଚିମ ଓଡ଼ିଶାର ଏକମାତ୍ର ପ୍ରତିଭା ଭାବରେ ଏହି ସମ୍ମାନ ପାଇଛନ୍ତି। ତାଙ୍କର ସାରସ୍ୱତ ସାଧନାକୁ ସ୍ୱୀକୃତି ପ୍ରଦାନ ପୂର୍ବକ ଏହି ସମ୍ମାନ ଦିଆଯାଇଛି। ଜଗତସିଂହପୁର ଜିଲ୍ଲାର ସର୍ବ ପୁରାତନ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ତଥା ବାଲିଘର ଫାଉଣ୍ଡେସନ ଆନୁକୂଲ୍ୟରେ ଏହି ମର୍ଯ୍ୟାଦାଜନକ ସମ୍ମାନ ପାଇ ଡ. ପଟେଲ ସୁନ୍ଦରଗଡ଼ ଜିଲ୍ଲାର ଗୌରବ ବଢ଼ାଇ ରଖିବାରେ ସକ୍ଷମ ହୋଇଥିବାରୁ ସ୍ଥାନୀୟ ସାହିତ୍ୟପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

---

● ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଠିକା ଶ୍ରମିକଙ୍କ ମୃତ୍ୟୁ ଘଟଣା

## ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର

**ରାଉରକେଲା,୧୩।୨(ସମିସ):** ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ସୋମବାର ଠିକା ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ପୁଲିସ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପରିବାର ପକ୍ଷରୁ କୌଣସି କ୍ଷତିପୂରଣ ଦାବି କରାଯାଇ ନ ଥିବା ବେଳେ ଆଗାମୀ ଦିନରେ କେ.କେ ଏଣ୍ଟରପ୍ରାଇଜେସ ଠିକା ସଂସ୍ଥା ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବ ବୋଲି ପୁଲିସ କହିଛି। ଉକ୍ତ ଠିକା ସଂସ୍ଥା ଅଧୀନରେ ପଶ୍ଚିମବଙ୍ଗ ମାଲଦା ଅଞ୍ଚଳର ଅଞ୍ଜୁ ତୁଲ (୧୯) କାମ କରୁଥିଲେ। ସୋମବାର ବିଦ୍ୟୁତ ଭିତ୍ତିଭୂମି ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ସେ ବାସନ୍ତୀ କଲୋନୀ ଡିଏଭି ପଲିଟେକ୍ନିକ୍ ନିକଟରେ ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ଚଢ଼ିଥିଲେ। ତେବେ ହଠାତ୍ ଖୁଣ୍ଟ ଭାଙ୍ଗିଯିବାରୁ ଅଞ୍ଜୁ ତଳେ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ରାଉରକେଲା ସରକାରୀ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

---

### ଛାତ୍ରଛାତ୍ରୀଙ୍କ ସହ ରାଜ୍ୟପାଳଙ୍କ ମତବିନିମୟ

# 'ପିଲାଙ୍କ ଭବିଷ୍ୟତ ଶିକ୍ଷକ ଓ ଅଭିଭାବକଙ୍କ ହାତରେ'

ରାଉରକେଲା,୧୩।୨(ସମିସ)





ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ। ଆଉ ପିଲାମାନଙ୍କ ଭବିଷ୍ୟତ ରହିଛି ଶିକ୍ଷକ ଓ ଅଭିଭାବକଙ୍କ ହାତରେ ବୋଲି ପ୍ରକାଶ କରିଛନ୍ତି ରାଜ୍ୟପାଳ ରଘୁବର ଦାସ। ସ୍ଥାନୀୟ ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏଡିଇଓ ସରଙ୍ଗଧର ବରିହାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଉତ୍ସବରେ ରାଜ୍ୟପାଳ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଦେଶର ଭବିଷ୍ୟତ ଆଜିର ଛାତ୍ରସମାଜ ଉପରେ ନିର୍ଭର କରୁଛି। ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ଉଭୟ ଶିକ୍ଷକ ଓ ଅଭିଭାବକ ଯତ୍ନବାନ ହେବା ଆବଶ୍ୟକ। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ କେବଳ ପାଠ୍ୟକ୍ରମ ନୁହେଁ ନୈତିକ, ଆଧ୍ୟାତ୍ମିକ ଶିକ୍ଷା, କ୍ରୀଡ଼ା, ସଂସ୍କୃତି, କଳା କ୍ଷେତ୍ରରେ ଶିକ୍ଷା ଦିଆଯିବା ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ଏପରିକି ପ୍ରତ୍ୟେକ ଛାତ୍ରର ଅନ୍ତର୍ନିହିତ ପ୍ରତିଭାକୁ ଆବିଷ୍କାର କରି ତା'ର ରୁଚି ଅନୁସାରେ ତାକୁ ଶିକ୍ଷା ପ୍ରଦାନ କରିବା ଉଚିତ୍। ଛାତ୍ରଛାତ୍ରୀଙ୍କ ଭବିଷ୍ୟତର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ସେମାନଙ୍କୁ ଶିକ୍ଷା ପ୍ରଦାନ କରିବା ପାଇଁ ରାଜ୍ୟପାଳ ଦାସ ଗୁରୁତ୍ୱାରୋପ କରିଥିଲେ। ସମ୍ପ୍ରତି ସରକାରୀ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ କରାଯାଇ ଏହାର ଭିତ୍ତିଭୂମିକୁ ସ୍ମାର୍ଟ କରାଯାଇଥିବାରୁ ଛାତ୍ରଛାତ୍ରୀଙ୍କ ପାଠ ପଢ଼ିବାରେ ଏହା ଅଧିକ ଉତ୍ସାହ ସୃଷ୍ଟି କରିବ। ଶିକ୍ଷକମାନେ ଏହାର ସୁଯୋଗ ନେବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନ କାହାଣୀ ଉପରେ ସଂକ୍ଷେପରେ କହି ତାଙ୍କ ଜୀବନଶୈଳୀ ତଥା ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଭବିଷ୍ୟତ ଗଢ଼ି ତୋଳିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାପାଳ ପରାଗ ହର୍ଷଦ ଗାଭାଲି, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଶିକ୍ଷକ ଅମରନାଥ ମିଶ୍ର ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

---

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କୋଇଡ଼ା,୧୩।୨(ସମିସ):** କୋଇଡ଼ା ବ୍ଲକ ଭଞ୍ଜପାଲି ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୨୫୭ ଜଣ ଭିନ୍ନକ୍ଷମ ପଞ୍ଜିକୃତ ହୋଇଥିବା ବେଳେ ୨୦୭ ଜଣଙ୍କୁ ଚିହ୍ନଟ କରାଯାଇଛି। ମସ୍ତିଷ୍କ ଜନିତ ୨୮ ଜଣ, ଦୃଷ୍ଟିଶକ୍ତି ଜନିତ ୧୬ ଜଣ, ଶ୍ରବଣ ଜନିତ ୪୪ ଜଣ, ଅସ୍ଥି ଜନିତ ୯୦ ଜଣ, ବାମନ ଜନିତ ୨ ଜଣ, ଓ ଅନ୍ୟ ବିଭାଗର ୧୫ ଜଣ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶିବିରକୁ କୋଇଡ଼ା ବିଡିଓ ରଶ୍ମିରେଖା ପାତ୍ର ଉଦଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ନାଏକ, ବିଇଓ ଅଭିମନ୍ୟୁ ବେହେରା, କେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର ପରିଡ଼ା ଉପସ୍ଥିତ ଥିଲେ। ବ୍ଲକ ପୋଗ୍ରାମିଂ ଆସିଷ୍ଟାଣ୍ଟ ଲକ୍ଷ୍ମୀପ୍ରିୟା ମହାନ୍ତ ଓ ଭଞ୍ଜପାଲି ସ୍କୁଲ ପ୍ରଧାନଶିକ୍ଷକ ଓ ଅସ୍ୱୟାରର ସଦସ୍ୟ ଶିବିର ପରିଚାଳନା କରିଥିଲେ।

---




## ଗୋଚର ଓ ଜଙ୍ଗଲ ଜମିରେ ଗଛ ଚିହ୍ନଟ ପ୍ରକ୍ରିୟାକୁ ବିରୋଧ



**ଲହୁଣୀପଡ଼ା,୧୩।୨(ସମିସ):** ଲହୁଣୀପଡ଼ା ତହସିଲ ଅନ୍ତର୍ଗତ ଭାସ୍କର ପ୍ଲାଣ୍ଟ ପଛ ପାଶ୍ୱର୍ ଗମଲେଇ ଗ୍ରାମ ପଟେ ଥିବା ଗୋଚର, ଜଙ୍ଗଲ ଜମିକୁ ପ୍ରସାଶନ ପକ୍ଷରୁ ଚିହ୍ନଟ ଏବଂ ଉକ୍ତ ଜମିରେ ରହିଥିବା ଗଛ ଗଣନା ପାଇଁ ଯାଇଥିବା ବେଳେ ଗ୍ରାମବାସୀଙ୍କ ତୀବ୍ର ବିରୋଧ ଯୋଗୁଁ ଅଧିକାରୀଙ୍କୁ ଫେରିବାକୁ ପଡ଼ିଛି। ଭାସ୍କର ପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ଜମି ଆବଶ୍ୟକ ଥିବା ବେଳେ ପ୍ଲାଣ୍ଟ ପଛ ପାଶ୍ୱର୍କୁ ଲାଗି ରହିଥିବା ଜଙ୍ଗଲ ଓ ଗୋଚର ଜମିକୁ ଲିଜ୍ ପଟା ପାଇଁ ପ୍ଲାଣ୍ଟ ପକ୍ଷରୁ ଆବେଦନ କରାଯାଇଛି। ଏଥି ପାଇଁ ମଙ୍ଗଳବାର ପୁଲିସ ଉପସ୍ଥିତରେ ତହସିଲ ଏବଂ ବନ ବିଭାଗ କର୍ମଚାରୀ ଉକ୍ତ ଜାଗାକୁ

### ଫେରିଗଲେ ପ୍ରସାଶନିକ ଅଧିକାରୀ

ଯାଇଥିଲେ। ମାତ୍ର ଗମଲେଇ ଗ୍ରାମବାସୀ ଏହାର ଘୋର ବିରୋଧ କରିଥିଲେ। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ଗ୍ରାମସଭା ଏବଂ ପଲ୍ଲୀ ସଭାରେ ମଧ୍ୟ ଏହି ଜମି ହସ୍ତାନ୍ତରକୁ ବିରୋଧ କରାଯାଇଥିଲା। ତହସିଲ ପକ୍ଷରୁ ହୋଇଥିବା ନୋଟିସର ପ୍ରତ୍ୟୁତ୍ତରରେ ଗ୍ରାମବାସୀ ତହସିଲକୁ ଯାଇ ଏହାର ବିରୋଧ କରିଥିଲେ। ଏଠାକାର ସୁବୁଜିମାକୁ ନଷ୍ଟ କରିଦେଲେ କାରଖାନାର ଦୂଷିତ ବାୟୁ ପ୍ରଭାବରେ ସେମାନେ ବଞ୍ଚିବେ କେମିତି ବୋଲି ଯୁକ୍ତି ବାଢ଼ିଥିଲେ। ଗ୍ରାମସଭା କିମ୍ବା ପଲ୍ଲୀ ସଭାରେ ପାରିତ ନ ହୋଇ ତଥା ଏଫଆରସି କମିଟିର ଅଗୋଚରରେ ଏଭଳି କାମ କିପରି କରାଯାଉଛି ବୋଲି ସେମାନେ ପ୍ରଶ୍ନ କରିଥିଲେ।

---

## ହତ୍ୟା ଉଦ୍ୟମ ଅଭିଯୋଗରେ ୨ ଗିରଫ

**ସୁନ୍ଦରଗଡ଼,୧୩।୨(ସମିସ):** ହତ୍ୟା ଉଦ୍ୟମ ଅଭିଯୋଗରେ ଧରୁଆଡିହି ଥାନା ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ତଳସରା ବାନ୍ଧୁରୁପଡ଼ାର ଚଇତୁ ମୁଣ୍ଡାଙ୍କ ପୁଅ ରତ୍ନା ମୁଣ୍ଡା ଓ ପ୍ରଫୁଲ୍ଲ ମୁଣ୍ଡା। ରତ୍ନାଙ୍କ ଆଇଙ୍କ ଶୁଦ୍ଧିକ୍ରିୟାରେ ବିରାବିରା ଗ୍ରାମର ସୁବ୍ରତ ଶେଖର ଦେଓ ଏବଂ ଅଶୋକ ଧରୁଆ ବିନା ନିମନ୍ତ୍ରଣରେ ପହଞ୍ଚି ମାଛ ଖାଇବାକୁ ମାଗିଥିଲେ। ରତ୍ନା ତାଙ୍କୁ ମାଛ ଦେବାକୁ ମନା କରିବାରୁ ସେମାନେ ଗଣ୍ଡଗୋଳ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ରତ୍ନା ଏବଂ ତାଙ୍କ ଭାଇ ପ୍ରଫୁଲ୍ଲ ଉଭୟଙ୍କୁ ନିସ୍ତୁକ ମାଡ଼ ମାରିବା ସହ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା।






# ନବଜାତ ହାତୀ ଶାବକର ମୃତଦେହ ଉଦ୍ଧାର



**କୋଇଡ଼ା, ୧୩।୨(ସମିସ)**

ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବନାଞ୍ଚଳ ମାଲଦା ଜଙ୍ଗଲରୁ ଏକ ନବଜାତ ହାତୀ ଶାବକର ମୃତଦେହ ଉଦ୍ଧାର ହୋଇଛି। ମୃତ ହାତୀ ଶାବକଟି ଅଣ୍ଡିରା ହୋଇଥିବାବେଳେ ଏହାର ବୟସ ଏକରୁ ଦୁଇଦିନ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ଗତ କିଛିଦିନ ଧରି ଦଶ ଟିକିଆ ହାତୀ ପଲର ଗତିବିଧି ଟ୍ରାକ୍ କରୁଥିବା ବନବିଭାଗ କର୍ମଚାରୀ ହାତୀ ଶାବକର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ମଙ୍ଗଳବାର ଏ ସମ୍ପର୍କରେ ଖବର ପାଇ ଆରସିସିଏଫ ଅରୁଣ କୁମାର ମିଶ୍ର, ଏସିଏଫ ସୁଶାନ୍ତ କୁମାର ଜେନା, ଡିଏଫଓ ଅରୁଣ କୁମାର ପାତ୍ର, କୋଇଡ଼ା ରେଞ୍ଜର ମନୋଜ ପ୍ରଧାନ, କୋଇଡ଼ା ଫରେଷ୍ଟର ଭୁବନେଶ୍ୱର ରାୟ ଏବଂ ପ୍ରାଣୀ ଚିକିତ୍ସା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରିଥିଲେ। ହାତୀ ଶାବକର ମୃତ୍ୟୁ ନିମୋନିଆ ଯୋଗୁଁ ହୋଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ଶବ ବ୍ୟବଚ୍ଛେଦ ସାମ୍ପଲ ଭୁବନେଶ୍ୱର ଓୟୁଏଟି ପରୀକ୍ଷାଗାର ପଠାଇ ଦିଆଯାଇଛି। ସେଠାରୁ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ କାରଣ ଜଣାପଡ଼ିବ ବୋଲି କୋଇଡ଼ା ରେଞ୍ଜ ଅଧିକାରୀ ମନୋଜ ପ୍ରଧାନ ସୂଚନା ଦେଇଛନ୍ତି।

● ରାଉରକେଲା ଗସ୍ତରେ ରାଜ୍ୟପାଳ

# ଡବ୍ଲ୍ୟୁଏସ୍‌ଏଚ୍‌ଜି ଓ ଶିକ୍ଷାର ଉନ୍ନତି ଦିଗରେ ଗୁରୁତ୍ୱ



**ରାଉରକେଲା, ୧୩।୨(ସମିସ)**

ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଡବ୍ଲ୍ୟୁଏସଏଚଜି) ସଦସ୍ୟାମାନଙ୍କ ଉନ୍ନତି କିପରି ହେବ ସେ ଦିଗରେ ବିଶେଷ ଗୁରୁତ୍ୱ ଦିଆଯିବା ପାଇଁ ଉଦିତନଗର ମିଶନ ଶକ୍ତି କାଫେଠାରେ ଏସଏସଜି ମହିଳାଙ୍କ ସଭାରେ ଯୋଗଦେଇ ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଏହାସହ ଶିକ୍ଷା କ୍ଷେତ୍ରର ଉନ୍ନତି ଦିଗରେ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ରାଜ୍ୟପାଳ ମଙ୍ଗଳବାର ରାଉରକେଲା ଗସ୍ତ ଅବସରରେ କହିଛନ୍ତି। ରାଜ୍ୟପାଳ ଦାସ ମଙ୍ଗଳବାର ସକାଳେ ପ୍ରଥମେ ବେଦବ୍ୟାସ ପୀଠରେ ପୂଜାର୍ଚ୍ଚନା କରିବା ପରେ ପାନପୋଷ ସ୍ପୋର୍ଟସ ହଷ୍ଟେଲରେ ପହଞ୍ଚି କ୍ରୀଡ଼ା ସମେତ ଅନ୍ୟ ଦିଗକୁ ନେଇ ଖେଳାଳି ଓ ପ୍ରଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ପରେ ଉଦିତନଗର ମିଶନ ଶକ୍ତି କାଫେରେ ପହଞ୍ଚି ସଦସ୍ୟାଙ୍କ ସହ ଆଲୋଚନା କରି ଖାଦ୍ୟର ମାନ ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱାଦିଷ୍ଟ ଓ ଉଚ୍ଚ ମାନର ମସଲା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଡବ୍ଲ୍ୟୁଏସଏଚଜି ସଦସ୍ୟା ଉପସ୍ଥିତ ରହି ନିଜ ସମସ୍ୟା ବିଷୟରେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେମାନଙ୍କ ସମସ୍ୟାକୁ ଗୁରୁତ୍ୱର ସହ ନେଇ ରାଜ୍ୟପାଳ ଏ ଦିଗ ପ୍ରତି ଅତିଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ପାଳିତ

**ରାଉରକେଲା, ୧୩।୨(ସମିସ):** ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ସେ ବେଦର ଉଦ୍ଧାରକ, ନାରୀ ସଶକ୍ତୀକରଣ ପ୍ରବଚକ, ଜାତୀୟ କଂଗ୍ରେସର ନିର୍ମାତା, ଶୁଦ୍ଧି ଆନ୍ଦୋଳନର ପ୍ରବସକ ତଥା ଜାତୀୟତାବାଦୀ ନେତାଙ୍କ ନିର୍ମାତା ଥିଲେ ବୋଲି ମତ ପ୍ରକାଶ ପାଇଥିଲା। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ସଭାପତି ସୂର୍ଯ୍ୟମଣି ଦାସ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଆଚାର୍ଯ୍ୟ ସୁରେନ୍ଦ୍ର କୁମାର ଉପାଧ୍ୟାୟ ବେଦମନ୍ତ୍ର ପାଠ କରିଥିଲେ। ବେଦ ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଦାସ ଓ ଶ୍ୟାମବାଳା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା ସଭାପତିତ୍ୱ କରି ବିସ୍ତୃତ ଭାବରେ ଆର୍ଯ୍ୟ ସମାଜ ଓ ଦୟାନନ୍ଦଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ ମଞ୍ଚ ପରିଚାଳନା କରିଥିଲେ। ଡ. ପରମେଶ୍ୱର ଶତପଥୀ, ଡ. କେଦାରନାଥ ପାଢ଼ୀ, ଡ. କଳୀକିଙ୍କର ପଣ୍ଡା, ଉଦ୍ଧବ ପ୍ରଧାନ, ସନ୍ତୋଷ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ସୁରେନ୍ଦ୍ର ଉପାଧ୍ୟାୟ, ଜ୍ୟୋତ୍ସ୍ନାରାଣୀ ଦାସ ଦୟାନନ୍ଦଙ୍କ ଜୀବନୀ ଆଧାରିତ ଭଜନ ଗାନ କରିଥିଲେ। ଛାତ୍ରଛାତ୍ରୀମାନେ ସ୍ୱାମିଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶାନ୍ତିପାଠ କରିଥିଲେ। ସୂର୍ଯ୍ୟମଣି ଦେଓ ଧନ୍ୟବାଦ୍ ଦେଇଥିଲେ।



# ଆର୍ଥିକ ବର୍ଷର ତୃତୀୟ ତ୍ରୟମାସ ପାଇଁ ସେଲ୍‌ର ଆର୍ଥିକ ଫଳାଫଳ ଘୋଷଣା

ରାଉରକେଲା, ୧୩।୨(ସମିସ): ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ) ସୋମବାର ୨୦୨୩-୨୪ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସ ତଥା ପ୍ରଥମ ୯ ମାସ ପାଇଁ ଆର୍ଥିକ ଫଳାଫଳ ଘୋଷଣା କରିଛି। ଆର୍ଥିକ ବର୍ଷର ପ୍ରଥମ ନଅ ମାସରେ କମ୍ପାନୀ ଉତ୍ପାଦନ ଏବଂ ବିକ୍ରି କ୍ଷେତ୍ରରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି। ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ଅଶୋଧିତ ଇସ୍ପାତ ଉତ୍ପାଦନ ଏବଂ ବିକ୍ରୟ ପରିମାଣ ଅନୁରୂପ ପୂର୍ବ ଆର୍ଥିକ ବର୍ଷ ଅବଧି ତୁଳନାରେ ଯଥାକ୍ରମେ ୬.୬% ଏବଂ ୮.୨% ଅଭିବୃଦ୍ଧି ହାସଲ କରିଛି। ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତିନି ତ୍ରୟମାସରେ କର ପରବର୍ତ୍ତୀ ଲାଭର ପରିମାଣ (ପିଏଟି) ୧୭୨୨ କୋଟି ଟଙ୍କାରେ ପହଞ୍ଚିଛି ଯାହା ଅନୁରୂପ ପୂର୍ବ ବର୍ଷ ସମାନ ଅବଧିରେ ୮୫୪ କୋଟି ଟଙ୍କା ରହିଥିଲା। କିନ୍ତୁ ତୃତୀୟ ତ୍ରୟମାସରେ କମ୍ପାନୀର କର ପରବର୍ତ୍ତୀ ଲାଭ ପରିମାଣ ପୂର୍ବ ଆର୍ଥିକ ବର୍ଷର ୪୬୪ କୋଟି ଟଙ୍କାରୁ ହ୍ରାସ ପାଇ ୩୩୧ କୋଟି ଟଙ୍କା ରହିଛି।

ଏ ନେଇ ସେଲ ଅଧ୍ୟକ୍ଷ ଶ୍ରୀ ଅମରେନ୍ଦୁ ପ୍ରକାଶ କହିଛନ୍ତି ଯେ ଉତ୍ପାଦନ ପରିମାଣ ବୃଦ୍ଧି ଦିଗରେ କମ୍ପାନୀର ନିରବଚ୍ଛିନ୍ନ ଉଦ୍ୟମ ଆର୍ଥିକ ପ୍ରଦର୍ଶନ ଉପରେ ସକାରାତ୍ମକ ପ୍ରଭାବ ଆଣିଛି। ଡି-କାର୍ବନାଇଜେସନ୍ ଉପରେ ଗୁରୁତ୍ୱ ଦେବା, କ୍ଷମତା ବ୍ୟବହାରରେ ଉନ୍ନତି, ମୂଲ୍ୟଯୋଗ, ଉନ୍ନତ ଡିଜିଟାଲାଇଜେସନ୍ ଏବଂ ମୂଲ୍ୟ ପ୍ରତିଯୋଗିତା ହାସଲ କରିବା ସହ କମ୍ପାନୀ ନିରନ୍ତର କାର୍ଯ୍ୟଦକ୍ଷତା ଉନ୍ନତି ଦିଗରେ ପ୍ରତିବଦ୍ଧ ରହିଛି।

# ନିର୍ବାଚନ ପାଇଁ ସେକ୍ଟର ଅଫିସର ଓ ସେକ୍ଟର ପୁଲିସ ଅଫିସରଙ୍କ ପ୍ରଶିକ୍ଷଣ

**ରାଉରକେଲା, ୧୩।୨(ସମିସ):** ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ଜୋରସୋର ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କ୍ରମରେ ରଘୁନାଥପାଲି ଓ ରାଉରକେଲା ନିର୍ବାଚନ ମଣ୍ଡଳୀର ସେକ୍ଟର ଅଫିସର ଓ ସେକ୍ଟର ପୁଲିସ ଅଫିସରଙ୍କ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ପାନପୋଷ ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ସେହିପରି ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ଅଫିସରଙ୍କ ପ୍ରଶିକ୍ଷଣ ଉଦିତନଗର ହାଇସ୍କୁଲରେ ଆୟୋଜନ କରାଯାଇଥିଲା।



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସେକ୍ଟର ଅଫିସରମାନଙ୍କୁ ଜିଲ୍ଲାରେ ନିର୍ବାଚନ ପରିଚାଳନା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା। ନିର୍ବାଚନ ପୂର୍ବରୁ ଏବଂ ନିର୍ବାଚନ ଦିନର ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଯାଇଥିଲା। ସେହିପରି ଇଭିଏମ ଓ ଭିଭିପିଏଟି ପରିଚାଳନା ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ଅତିରିକ୍ତ ଉପଜିଲ୍ଲାପାଳ ସରୋଜ କୁମାର ମିଶ୍ର, ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ, ବିଶ୍ରା ବିଡିଓ ଜଗନ୍ନାଥ ହନୁମାନ, କୁଆଁରମୁଣ୍ଡା ବିଡିଓ ଗଙ୍ଗାରାମ ବୁଡ଼େକ୍, ବୀରମିତ୍ରପୁର ଅତିରିକ୍ତ ତହସିଲଦାର ପଦ୍ମିନୀ ନାୟକ, ବିଶ୍ରା ତହସିଲଦାର ମନିଷା ମଦୁଲିକା ହେମ୍ବ୍ରମ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣରେ ମୋଟ ୮୦ ସେକ୍ଟର ଅଫିସର ଓ ୮୦ ସେକ୍ଟର ପୁଲିସ ଅଫିସର ଅଂଶଗ୍ରହଣ କରିଥିଲେ।

# ରାଜ୍ୟପାଳଙ୍କ ହୋମ୍ ଆଣ୍ଡ ହୋପ୍ ପରିଦର୍ଶନ



**ରାଉରକେଲା, ୧୩।୨(ସମିସ)**

ଏହି ଭିନ୍ନଦକ୍ଷ କଳିକାଙ୍କୁ ପୁଷ୍ପ ରୂପେ ବିକଶିତ ହେବା ଦେଖି ମୋ ହୃଦୟ ଆନନ୍ଦରେ ପରିପୂର୍ଣ୍ଣ ହେଉଛି ବୋଲି ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ପ୍ରୋତ୍ସାହିତ ଭିନ୍ନକ୍ଷମ ଅନୁଷ୍ଠାନ ହୋମ୍ ଆଣ୍ଡ ହୋପ୍ ପରିଦର୍ଶନ ଅବସରରେ ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ସେଲ ହୋମ ଆଣ୍ଡ ହୋପକୁ ସଂକ୍ଷିପ୍ତ ପରିଦର୍ଶନରେ ଆସି ରାଜ୍ୟପାଳ ଦାସ ପରିଦର୍ଶକ ପୁସ୍ତିକାରେ ନିଜ ଅଭିଜ୍ଞତା ସହଭାଗ କରିଛନ୍ତି। ରାଜ୍ୟପାଳଙ୍କୁ ଅନୁଷ୍ଠାନରେ ଆରଏସପି କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍ଆର ସୂର୍ଯ୍ୟବଂଶୀ, ସହର ପ୍ରଶାସନ ଓ ସିଏସଆର ବିଭାଗ ସିଜିଏମ ପିକେ ସ୍ୱାଇଁ, ଏବଂ ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀ ତଥା ହୋମ ଆଣ୍ଡ ହୋପର ଭାରପ୍ରାପ୍ତ ଅଧ୍ୟକ୍ଷା ପଦ୍ମିନୀ ଦାସ ଏବଂ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଗାଭାଲି ପରାଗ ହର୍ଷଦ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଏବଂ ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟଧାରା ଏବଂ ପିଲାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ନିଆଯାଉଥିବା ବିଶେଷ ପଦକ୍ଷେପ ବିଷୟରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ସେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକଙ୍କ ସହ ମତବିନିମୟ କରିବା ସହ ଭିନ୍ନକ୍ଷମ ପିଲାଙ୍କ ଶିକ୍ଷା, ଚିକିତ୍ସା ଏବଂ ପରାମର୍ଶ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ସେ କହିଲେ ଯେ ଏକ ସମବେଶୀ ସମାଜ ଗଠନ ତଥା ପିଲାମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ସାହାଯ୍ୟ କରିବା ପାଇଁ ଅଧିକ ମିଳିତ ପ୍ରୟାସ କରିବା ଆମ କର୍ତ୍ତବ୍ୟ ଏବଂ ଦାୟିତ୍ୱ। ରାଜ୍ୟପାଳ ମଧ୍ୟ ସ୍ୱତନ୍ତ୍ର ପିଲାମାନଙ୍କ ଦ୍ୱାରା ନିର୍ମିତ ବିଭିନ୍ନ କଳା ଓ ହସ୍ତଶିଳ୍ପକୁ ନେଇ ଆଗ୍ରହ ପ୍ରକାଶ କରିଥିଲେ। ସେ ହୋମ ଆଣ୍ଡ ହୋପ ପାଇଁ ୫ ଲକ୍ଷ ଟଙ୍କା ଏବଂ ସେକ୍ଟର-୨୨ 'ଆଶା' ଅନୁଷ୍ଠାନ ପାଇଁ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଘୋଷଣା କରିଥିଲେ ଯାହା ଉଭୟ ଅନୁଷ୍ଠାନର ବିକାଶମୂଳକ କାର୍ଯ୍ୟରେ ବିନିଯୋଗ ହେବ ବୋଲି ଉଲ୍ଲେଖ କରିଥିଲେ। ପିଲାମାନଙ୍କ ଉତ୍ତମ ଯତ୍ନ ନେବା ପାଇଁ ନୂତନ ସୁବିଧା ପ୍ରବର୍ତ୍ତନ ବିଷୟରେ ସେ ଅଭିଭାବକଙ୍କୁ ମଧ୍ୟ ଆଶ୍ୱାସନା ଦେଇଥିଲେ।

# ଆର୍‌ସିସିଏଫ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ବଣାଇଁ, ୧୩।୨(ସମିସ):** ଦୀର୍ଘ ତିନିବର୍ଷ ଧରି ରାଉରକେଲାରେ ଆରସିସିଏଫ ଭାବେ କାର୍ଯ୍ୟରତ ଡ. ଅରୁଣ କୁମାର ମିଶ୍ରଙ୍କ ପଦୋନ୍ନତି ହୋଇଛି। ଗତ ୬ ତାରିଖ ସରକାରୀ ବିଜ୍ଞପ୍ତି ଅନୁଯାୟୀ ମିଶ୍ର ପଦୋନ୍ନତି ପାଇବା ପରେ ତାଙ୍କୁ ମୁଖ୍ୟ ବନ ସଂରକ୍ଷକ ଭାବେ ଭୁବନେଶ୍ୱରର ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ଏହି ଅବସରରେ ମଙ୍ଗଳବାର ବଣାଇଁ ବନଖଣ୍ଡ ପକ୍ଷରୁ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଡ. ମିଶ୍ର ୨୦୧୦-୧୧ରେ ପ୍ରଥମ ଥର ବନଖଣ୍ଡ ଅଧିକାରୀ ଭାବେ ବଣାଇଁରେ ଅବସ୍ଥାପିତ ହୋଇଥିଲେ। ପରେ ପରେ ଆଠଗଡ଼, ସୁନ୍ଦରଗଡ଼, ରାଇରଙ୍ଗପୁର ଆଦି ବିଭିନ୍ନ ବନଖଣ୍ଡ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ୨୦୨୧ରେ ପଦୋନ୍ନତି ପାଇ ରାଉରକେଲା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଭାବେ ଯୋଗଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟ କରି ଆସୁଥିଲେ। ଏହି ଅବସରରେ ବଣାଇଁ ତଥା ସୁନ୍ଦରଗଡ଼ ଜିଲ୍ଲାରେ କାର୍ଯ୍ୟ କରିବା ସୌଭାଗ୍ୟର ବିଷୟ ଏବଂ ଏହି ଜିଲ୍ଲାରେ ଭଲ ଅଭିଜ୍ଞତା ମିଳିଛି ବୋଲି ଡ. ମିଶ୍ର କହିବା ସହ ସମସ୍ତଙ୍କ ସହଯୋଗ ନିମନ୍ତେ କୃତଜ୍ଞତା ଜଣାଇଥିଲେ। ଉତ୍ତମ ରୂପେ ନିଜ ଦକ୍ଷତା ପ୍ରତିପାଦନ କରିବା ପାଇଁ ସମସ୍ତ କର୍ମଚାରୀଙ୍କୁ ସେ ପରାମର୍ଶ ଦେଇଥିଲେ। ଡ. ମିଶ୍ର ଜଣେ ଦକ୍ଷ ଅଧିକାରୀ ଥିଲେ ଏବଂ ତାଙ୍କ ଅଧୀନରେ ଥିବା ବିଭିନ୍ନ ବନଖଣ୍ଡରେ ଜଙ୍ଗଲ ସୁରକ୍ଷା, ବନ୍ୟ ପ୍ରାଣୀଙ୍କ ସୁରକ୍ଷା କାର୍ଯ୍ୟ ସହ ଅନେକ ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦିତ ହୋଇପାରିଛି। ତାଙ୍କ ପ୍ରଚେଷ୍ଟାରେ ପ୍ରଥମଥର ବଣାଇଁ ଏବଂ କେନ୍ଦୁଝର ବନଖଣ୍ଡରେ ପଶୁପକ୍ଷୀ ଓ ସରିସୃପଙ୍କ ପାଇଁ କାନୋପି ସେତୁ ନିର୍ମାଣ କରାଯାଇଥିଲା। ତାଙ୍କ ପରି ଜଣେ ଭାରତୀୟ ବନସେବା ଅଧିକାରୀ ଦୁର୍ଲଭ ବୋଲି ବନଖଣ୍ଡ ଅଧିକାରୀ ଓ ଉପସ୍ଥିତ କର୍ମଚାରୀ ମତ ରଖିଥିଲେ। ଆରସିସିଏଫ ଭାବେ କାର୍ଯ୍ୟ କରିବା ସମୟରେ ସମସ୍ତ ସହକର୍ମୀଙ୍କ ପ୍ରତି ତାଙ୍କର ବହୁତ ଆନ୍ତରିକତା ଏବଂ ସହାନୁଭୂତି ରହିଥିବା ମଧ୍ୟ ଉପସ୍ଥିତ କର୍ମଚାରୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ସୁଶାନ୍ତ କୁମାର ଜେନା, ସମୀର ପ୍ରକାଶ ତିର୍କି, ବଣାଇଁ ରେଞ୍ଜ ଅଧିକାରୀ ଦେବାଶିଷ ନାୟକଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଡ. ମିଶ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ରାଜ୍ୟପାଳଙ୍କଠାରୁ ସ୍ୱର୍ଣ୍ଣ ପଦକ ଗ୍ରହଣ କଲେ କାମାକ୍ଷାନଗରର ସାଇଜ୍ୟୋତି

**ରାଉରକେଲା, ୧୩।୨(ସମିସ):** ରାଉରକେଲା ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପରିସରରେ ଆୟୋଜିତ ୧୦ମ ସମାବର୍ତ୍ତନ ଉତ୍ସବରେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଏନଏସି ନୂଆ ଆଳତୁମାର ଫର୍ମାସି ଛାତ୍ର ସାଇଜ୍ୟୋତି ସାହୁ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ରଘୁବର ଦାସଙ୍କଠାରୁ ସ୍ୱର୍ଣ୍ଣ ପଦକ ଗ୍ରହଣ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସାଲେପୁର ଆଇପିଟି ମହାବିଦ୍ୟାଳୟରେ ଅଧ୍ୟୟନ କରି ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଏମ୍. ଫାର୍ମରେ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ରାଜ୍ୟପାଳ ତାଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଛନ୍ତି। ଏହି ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ।



ସୂଚନାଯୋଗ୍ୟ ସାଇଜ୍ୟୋତି ସ୍ଥାନୀୟ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରୁ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ପରେ ଉଚ୍ଚଶିକ୍ଷା ଆରମ୍ଭ କରିଥିଲେ। ଏହି ଉଚ୍ଚ ବିଦ୍ୟାଳୟରେ ତାଙ୍କ ବାପା ନିରଞ୍ଜନ ସାହୁ ବର୍ତ୍ତମାନ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟରତ ଓ ମା' ଗୌରୀ ସାହୁ ଜଣେ ଗୃହିଣୀ ଅଟନ୍ତି। ଏଥି ପୂର୍ବରୁ ବି. ଫାର୍ମ ଦ୍ୱିତୀୟ ବର୍ଷରେ ବିଶ୍ୱବିଦ୍ୟାଳୟ ଟପ୍ପର ଓ ଏମ୍. ଫାର୍ମ ଶେଷ ବର୍ଷରେ ମହାବିଦ୍ୟାଳୟ ଟପ୍ପର ହୋଇ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ, ଇ-ଟେକ ମାଧ୍ୟମିକ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁରେଶ ପ୍ରସାଦ ମିଶ୍ର, ସାଲେପୁର ଆଇପିଟିର ପୂର୍ବତନ ଅଧ୍ୟକ୍ଷ ତଥା ବିଶ୍ୱବିଦ୍ୟାଳୟର ଡିନ୍ ଡ. ସନ୍ତୋଷ ମହାପାତ୍ର, ବିଭାଗ ମୁଖ୍ୟ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ମହାନ୍ତି ଅବଦାନ ଅତୁଳନୀୟ ବୋଲି ସାଇଜ୍ୟୋତି ପ୍ରକାଶ କରି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସୁନ୍ଦରଗଡ଼ ଜିଲ୍ଲା ଆଶା ଓ ଆଶାସାଥୀ ସାମ୍ମୁଖ୍ୟର ବାର୍ଷିକ ସମ୍ମିଳନୀ

**ରାଉରକେଲା, ୧୩।୨(ସମିସ):**

ସୁନ୍ଦରଗଡ଼ ଜିଲ୍ଲା ଆଶା ଓ ଆଶାସାଥୀ ସାମ୍ମୁଖ୍ୟର ବାର୍ଷିକ ସମ୍ମିଳନୀ ସେକ୍ଟର-୭ ସାମ୍ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ୧୭ ବ୍ଲକ, ୪ ମ୍ୟୁନିସିପାଲିଟି ଏବଂ ରାଉରକେଲା ମହାନଗର ନିଗମର ବହୁ ଆଶା ଓ ଆଶାସାଥୀ ଉପସ୍ଥିତ ଥିଲେ। ସାମ୍ମୁଖ୍ୟ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ। ହିନ୍ଦ୍ ମଜଦୁର ସଭାର ରାଜ୍ୟ ଉପସାଧାରଣ ସମ୍ପାଦକ ଲକ୍ଷ୍ମୀଧର ସାହୁ, ସମ୍ପାଦକ ପ୍ରଦୀପ କୁମାର ଦାସ, ସାମ୍ମୁଖ୍ୟ ଉପଦେଷ୍ଟା ଆନନ୍ଦ ଚନ୍ଦ୍ର ମହାନ୍ତି, ବୈଦ୍ୟନାଥ ଦାସ, ଉପସଭାପତି ପ୍ରମୋଦ କୁମାର ଦାସ, ଶ୍ରମିକ ନେତା ହେମନ୍ତ ବେହୁରିଆ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ସାରିନୀ ମିଞ୍ଜି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ କାର୍ଯ୍ୟକାରୀ ସଭାପତି ବାବୁଲି ଦାସ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦିକା ଝରଣା ମହାରଣା ସମ୍ପାଦକୀୟ ଅଭିଭାଷଣ ରଖିବା ସହ ଆଶା ଓ ଆଶାସାଥୀମାନଙ୍କ ବହୁବିଧ ଅସୁବିଧା ସମ୍ପର୍କରେ ଆଲୋକପାତ କରି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ସରକାରୀ ସ୍ତରରେ ଦାବିର ବିଚାର କରି ସମସ୍ତ ସୁବିଧା ଉପଲବ୍ଧ କରିବା ପାଇଁ ଅନୁରୋଧ କରିଥିଲେ। ଆଶା ଓ ଆଶାସାଥୀମାନଙ୍କୁ ସରକାର ସ୍ଥାୟୀ ଶ୍ରମିକ ମାନ୍ୟତା ଦିଅନ୍ତୁ, ସରକାରଙ୍କ ଦ୍ୱାରା ଘୋଷିତ ଉଚ୍ଚ କୁଶଳୀ ଦରମା ପ୍ରୋତ୍ସାହନ ରାଶି ପ୍ରଦାନ, ଆଶା ଓ ଆଶାସାଥୀମାନଙ୍କୁ ସାମାଜିକ ସୁରକ୍ଷା ଯଥା ଇଏସଆଇ, ପିଏଫ୍ ଭଳି ସ୍କିମରେ ଅନ୍ତର୍ଭୁକ୍ତ କରିବା, ଆଶା ଓ ଆଶାସାଥଙ୍କ ଅବସରକାଳୀନ ପ୍ରୋତ୍ସାହନ ୩ ଲକ୍ଷ ଟଙ୍କା ଏବଂ କର୍ମ ଅବଧି ଭିତରେ ମୃତ୍ୟୁ ଘଟିଲେ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ, ୟୁନିଫର୍ମ ଭତ୍ତା ବାବଦ ବର୍ଷକୁ ୧୦୫୦ ଟଙ୍କା ବଦଳରେ ୫୦୦୦ ଟଙ୍କା ପ୍ରଦାନ, ଆଶା ଗୃହରେ କାମ କରୁଥିବା ଆଶାମାନଙ୍କ ଭତ୍ତା ୨୦୦ ଟଙ୍କାରୁ ୩୦୦ ଟଙ୍କାକୁ ବୃଦ୍ଧି, ଆଶା ଓ ଆଶାସାଥୀଙ୍କର ୨୦୧୮-୧୯ରେ ବଢ଼ିଥିବା ବକେୟା ପାଉଣା ପ୍ରଦାନ ଓ ସିଏଚଓରେ ଦିଆଯାଉଥିବା ପ୍ରୋତ୍ସାହନ ରାଶି ୧୦୦୦ ଟଙ୍କା ସମସ୍ତ ଆଶା ଓ ଆଶାସାଥୀଙ୍କୁ ଦିଆଯିବା, ଖାଲି ଥିବା ଆଶାସାଥୀ ପଦବୀ ପୂରଣ କରିବା ଆଦି ଦାବି ରହିଛି।




ସମ୍ମିଳନୀରେ ଉପସ୍ଥିତ ହିନ୍ଦ୍ ମଜଦୁର ସଭାର ନେତୃବୃନ୍ଦ ଅଭିଭାଷଣରେ କହିଲେ ଯେ ଜଣେ ଶ୍ରମିକର କାର୍ଯ୍ୟ କରିବା ସମୟ ୮ ଘଣ୍ଟା। ଯଦି ତା'ଠାରୁ ଅଧିକ ସମୟ କାର୍ଯ୍ୟ କରେ ତେବେ ସେ ଆଉ ଦୁଇଗୁଣ ରାଶି ଅଧିକ ପାଇବା ପାଇଁ ହକଦାର। କିନ୍ତୁ ଅନୁତାପର ବିଷୟ ଯେ ସରକାରୀ ସ୍ତରରେ ଏ ପର୍ଯ୍ୟନ୍ତ ଆଶା ଓ ଆଶାସାଥୀମାନେ ଶ୍ରମିକର ମାନ୍ୟତା ପାଇନାହାନ୍ତି। ଏପର୍ଯ୍ୟନ୍ତ ସ୍ୱେଚ୍ଛାସେବୀ ଭାବରେ କାର୍ଯ୍ୟ କରୁଛନ୍ତି। ପ୍ରଥମରୁ ଗୋଟିଏ ଦୁଇଟି କାର୍ଯ୍ୟ କରିବା ପାଇଁ କୁହାଯାଇଥିବା ବେଳେ ବର୍ତ୍ତମାନ କାମ ଉପରେ କାମର ବୋଝ ବଢ଼ିଚାଲିଛି। ସାମାନ୍ୟ ଇନ୍‌ସେଣ୍ଟିଭ ଦେଇ ମା'ମାନଙ୍କୁ ଅତ୍ୟଧିକ କାର୍ଯ୍ୟ କରାଯାଉଛି। ସେଥିପାଇଁ ସରକାର ଆଶା ଓ ଆଶାସାଥୀମାନଙ୍କ ନ୍ୟାଯ୍ୟ ଦାବିଗୁଡ଼ିକ ସମ୍ପର୍କରେ ଅତିଶୀଘ୍ର ବିଚାର କରି ତାଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ କହିଥିଲେ। ଆଶା ଓ ଆଶାସାଥୀ ସୁନିତା ସିଂ, ବିରଜମଣି ସିଂ, ସାନ୍ତରା ମହାନନ୍ଦିଆ, କରୁଣା ମିଞ୍ଜି, ଲଳିତା ତିର୍କୀ, ସୁଚିତ୍ରା ସାହୁ, ଦୁର୍ଗୀ ଓରାମ, ବିମଳା କୁମ୍ଭାର, ସୁଭଦ୍ରା ମୁଣ୍ଡା, ସନ୍ଧ୍ୟା ସାହା, ମନମିତ କୌର, ସରସ୍ୱତୀ ବୋଷ, କିଶୋରୀ ପ୍ରଧାନ, ଗୀତା ମୁଣ୍ଡା, ମିନତି ଟପ୍ପୋ, ଜ୍ୟୋତି ଏକ୍କା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ଉପଦେଷ୍ଟା ଆନନ୍ଦ ଚନ୍ଦ୍ର ମହାନ୍ତି ଓ ବୈଦ୍ୟନାଥ ଦାସ କହିଲେ ଯେ ଆଶା ଓ ଆଶାସାଥୀମାନେ ପଥଭ୍ରଷ୍ଟ ହୋଇ ଦିଗହରା ହୋଇଯାଇଥିଲେ। ବହୁ ବିଚାର ବିମର୍ଶ ପରେ ସାମ୍ମୁଖ୍ୟ ଗଠନ କରାଯାଇ ଓଡ଼ିଶା ସରକାରଙ୍କ ପକ୍ଷରୁ ପଞ୍ଜିକୃତ କରାଯାଇଛି। ତେଣୁ ସମସ୍ତଙ୍କୁ ନିବେଦନ ସମସ୍ତେ ଅନ୍ୟମାନଙ୍କ କଥାରେ କିମ୍ବା ଧମକଚମକରେ ଭୟଭୀତ ନ ହୋଇ ସାମ୍ମୁଖ୍ୟର ସଦସ୍ୟ ହୁଅନ୍ତୁ। ନିଜର ହକ୍ ଏବଂ ମୌଳିକ ଅଧିକାର ପାଇଁ ଆଗଭର ହୁଅନ୍ତୁ। ଯଦି କୌଣସି ଆଶା କିମ୍ବା ଆଶାସାଥୀଙ୍କ ଅସୁବିଧା ହୁଏ ତେବେ ସାମ୍ମୁଖ୍ୟର ସମସ୍ତ କର୍ମକର୍ତ୍ତା ସବୁ ସମୟରେ ତାଙ୍କୁ ସହଯୋଗ କରିବା ପାଇଁ ଆଗେଇ ଆସିବା ଉଚିତ ବୋଲି କହିଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ନାୟକ ତାଙ୍କ ଭାଷଣରେ କହିଲେ ଯେ ସେ ନିଜେ ମେଡିକାଲ ଗସ୍ତ ସମୟରେ ଦେଖିଛନ୍ତି ଜଣେ ଆଶାର କାର୍ଯ୍ୟ। ସମାଜ ଗଠନରେ ଆଶା ଓ ଆଶାସାଥୀମାନଙ୍କ କାର୍ଯ୍ୟ ଅତୁଳନୀୟ। ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଘୋଷଣା ଅନୁଯାୟୀ ଶିଶୁ ଓ ଗର୍ଭବତୀ ମା' ମୃତ୍ୟୁହାର ନାହିଁ କହିଲେ ଚଳେ। ସମସ୍ତ ବିଷୟ ଏବଂ ଦାବିପତ୍ରରେ ଦିଆଯାଇଥିବା ବିନ୍ଦୁଗୁଡ଼ିକ ଯଥାର୍ଥ। ସେଥି ପାଇଁ ସମସ୍ତ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କ ସହ ଆଲୋଚନା କରି ଅତିଶୀଘ୍ର ଖୁସି ଖବର ଜଣାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ସାମ୍ମୁଖ୍ୟର ସଭାପତି ତ୍ରିପାଠୀ କହିଲେ, ଆଶା ଓ ଆଶାସାଥୀମାନଙ୍କ ଧୈର୍ଯ୍ୟ ବହୁତ। ନାରୀମାନେ ବହୁ ସହନଶୀଳ, ତା'ମାନେ ନୁହେଁ ଯେ କାର୍ଯ୍ୟ ଉପରେ କାର୍ଯ୍ୟ କରୁଥିବେ, ସେହି ତୁଳନାରେ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେବେ। ବହୁଦିନ ଧରି ଦିଗହରା ହୋଇ ସବୁ ସୁଖସୁବିଧାରୁ ବଞ୍ଚିତ ହୋଇଥିଲେ। କିନ୍ତୁ ବର୍ତ୍ତମାନ ଆମର ନିଜସ୍ୱ ସଂଗଠନ ହୋଇଯାଇଛି। ତେଣୁ ଜିଲ୍ଲାର ସମସ୍ତ ଆଶା ଓ ଆଶାସାଥୀମାନଙ୍କୁ ଅନୁରୋଧ ସାମ୍ମୁଖ୍ୟର ସଦସ୍ୟ ହୁଅନ୍ତୁ ବୋଲି ସଭାପତି ତ୍ରିପାଠୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାର ଆଶାକର୍ମୀମାନଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ସାଂଗଠନିକ ସମ୍ପାଦକ ପ୍ରକାଶ ସାବତ, ଉର୍ମିଳା ବରୁଆ, ଲତାମଞ୍ଜରୀ ପାଣୀ, ଲିଜା ମହାରଣା, ମୋନାଲିସା ଲେଙ୍କା, ମୁକ୍ତା ଛତ୍ରିଆ, ଭରତ ସାହୁ ପାଚକପାଚିକା ସହାୟିକା ମହାସଂଘର ସନ୍ଧ୍ୟାରାଣୀ ସ୍ୱାଇଁ ସହଯୋଗ କରିଥିଲେ। ପ୍ରମୋଦ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଶନ ଶକ୍ତି ଗୋଷ୍ଠୀଙ୍କ ଦକ୍ଷତା ବିକାଶ ତାଲିମ



**ସୁନ୍ଦରଗଡ଼, ୧୩।୨(ସମିସ):** ସୁନ୍ଦରଗଡ଼ ପୌର ପରିଷଦ ପକ୍ଷରୁ ସ୍ଥାନୀୟ ରଥ ନୋଡାଲ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁକ୍ତା ଯୋଜନା ଅନ୍ତର୍ଗତ ମିଶନ ଶକ୍ତି ଗୋଷ୍ଠୀର ମା'ମାନଙ୍କୁ ନେଇ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର, ଉପନଗରପାଳ ଲଲାଟେନ୍ଦୁ ପରିଡ଼ା, ପୂର୍ବତନ ପୌରାଧ୍ୟକ୍ଷ ବେଣୁଧର ତାଣ୍ଡିଆ, କାଉନସିଲର ସୁମନ୍ତ ସାହୁ, ମୁକ୍ତା ଯୋଜନା ସଂଯୋଜକ ରୋଶନ ମିଶ୍ର ପ୍ରମୁଖ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଯୁଗ୍ମ ଶାସନ ସଚିବ ଓ ସୁଡା ନିର୍ଦ୍ଦେଶକ ଶାରଦା ପ୍ରସାଦ ପଣ୍ଡା ଆଭାସୀ ମାଧ୍ୟମରେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇବା ସହ ମିଶନ ଶକ୍ତି ମା'ମାନେ କିପରି ରୋଜଗାରକ୍ଷମ ହୋଇ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ଅବଗତ କରାଇଥିଲେ। ମାଷ୍ଟର ଟ୍ରେନର ମଞ୍ଜୁଲୀ ଧର ଏବଂ ଜ୍ୟୋସ୍ନାରାଣୀ ସିଂ ମିଶନ ଶକ୍ତି ମା'ମାନଙ୍କୁ ମୁକ୍ତାର କାର୍ଯ୍ୟକାରିତା ପଦ୍ଧତି, ମୁକ୍ତା ପ୍ରକଳ୍ପ ଚିହ୍ନଟୀକରଣ ପ୍ରକ୍ରିୟା, ୱାର୍କ ଅର୍ଡର୍, ମଷ୍ଟର ରୋଲ୍, ବ୍ୟାଙ୍କ ଋଣ, ଗୋଷ୍ଠୀ ଯୋଗ୍ୟତା ମାନଦଣ୍ଡ ଏବଂ ଶ୍ରମିକଙ୍କୁ ମଜୁରୀ ଦେୟ ପ୍ରଦାନ ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରିଥିଲେ।

### ସାଗରପାଲିକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି

# ଭୋଟ ବର୍ଜନର ୨୫ ବର୍ଷ ପରେ ବି ମିଳିନି ସୁଫଳ

**ସୁନ୍ଦରଗଡ଼, ୧୩।୨(ସମିସ)**

ଟାଙ୍ଗରପାଲି ବ୍ଲକ ସାଗରପାଲି ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବିରେ ଗ୍ରାମବାସୀ ଭୋଟ ବର୍ଜନ କରିବାର ଦୀର୍ଘ ୨୫ ବର୍ଷ ପରେ ବି କୌଣସି ସୁଫଳ ମିଳି ନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ମଙ୍ଗସପୁର ପଞ୍ଚାୟତର ମଙ୍ଗସପୁର ରାଜସ୍ୱ ଗ୍ରାମ ଅଧୀନରେ ଥିବା ସାଗରପାଲି ଗ୍ରାମରେ ୨ଟି ୱାର୍ଡରେ ହଜାରେରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଗ୍ରାମର ମୋଟ ଜମି ପରିମାଣ ୮୩୮.୭୬ ଏକର ରହିଛି। ଗ୍ରାମକୁ ପକ୍କା ସଡ଼କ ଯାଇଛି। ରାଜ୍ୟର ପ୍ରଥମ ପାନୀୟ ଜଳ ଯୋଗାଣ ପାଇଲଟ ପ୍ରକଳ୍ପ ମଧ୍ୟ ଏହି ଗ୍ରାମରେ ସ୍ଥାପିତ ହୋଇଥିଲା। ମଙ୍ଗସପୁର



ରାଜସ୍ୱ ଗ୍ରାମରୁ ସାଗରପାଲି ଗ୍ରାମର ଦୂରତା ପ୍ରାୟ ୭ କିଲୋମିଟର। ଏଣୁ ସାଗରପାଲି ଗ୍ରାମର ପଡ଼ାଗ୍ରାମ ବାଉଁଶମୁଣ୍ଡା ଓ କରମାପଡ଼ାକୁ ନେଇ ସାଗରପାଲି ରାଜସ୍ୱ ଗ୍ରାମ ଆବଶ୍ୟକତା ରହିଛି। ଏଠାରେ ଗୋଟିଏ ଲେଖାଏଁ ପ୍ରାଥମିକ ବିଦ୍ୟାଳୟ ବି ଅଛି। ମଙ୍ଗସପୁର ଏବଂ ସାଗରପାଲି ମଝିରେ ଥିବା ନାଳ ଗମନାଗମନରେ ଅନ୍ତରାୟ ସୃଷ୍ଟି କରି ଆସୁଥିଲା। ଇତିମଧ୍ୟରେ ଏଠାରେ ପୋଲ ନିର୍ମାଣ ହୋଇଛି। ତେବେ ଅବିଭକ୍ତ ମଙ୍ଗସପୁର ପଞ୍ଚାୟତର ଏକ ଛୋଟ ପଡ଼ା ଗ୍ରାମ ଏର୍ଗାପିଟାକୁ କାହିଁ କେତେ ଦିନରୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିଥିଲେ ହେଁ ସାଗରପାଲିକୁ ଅଣଦେଖା କରାଯାଇଛି। ନ୍ୟାୟ ପାଇଁ ଗ୍ରାମବାସୀ ପ୍ରାୟ ଦୀର୍ଘ ୩ ଦଶନ୍ଧିରୁ ଲଢ଼େଇ ଆରମ୍ଭ କରିଛନ୍ତି। ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ବାରମ୍ବାର ଦାବି କରି ଆସୁଛନ୍ତି। ତଥାପି ଏଥିପ୍ରତି ପ୍ରଶାସନ କର୍ଣ୍ଣପାତ କରୁ ନ ଥିବାରୁ ଗ୍ରାମବାସୀ ୧୯୯୯ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିଥିଲେ। ସେତେବେଳେ ପ୍ରଶାସନିକ ଅଧିକାରୀମାନେ ଗ୍ରାମକୁ ଆସି ମିଠା ମିଠା ପ୍ରତିଶ୍ରୁତି ଦେଇଥିଲେ। ତଥାପି ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ୨୦୧୨ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିଲେ। ସେତେବେଳେ ମଧ୍ୟ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଅଦ୍ୟାବଧି ଜିଲ୍ଲା ସ୍ତରରୁ ରାଜସ୍ୱ ଗ୍ରାମର ପ୍ରସ୍ତାବ ଯାଇନାହିଁ। ପ୍ରଶାସନିକ ଅଧିକାରୀମାନେ ହାଇଟେକ୍ ସର୍ଭେ ସରିବା ପରେ ଯାହା କିଛି ହେବ ବୋଲି କହୁଛନ୍ତି। ଏଣୁ ଗ୍ରାମବାସୀ ଆଗାମୀ ଭୋଟ ବର୍ଜନ କରିବାକୁ ବିଚାରବିମର୍ଶ ଚଳାଇଥିବା ସୂଚନା ମିଳିଛି।

# ଆମ ଓଡ଼ିଶା-ନବୀନ ଓଡ଼ିଶା ସଚେତନତା





### ଗୁଣ୍ଡିଆଡିହି ଗ୍ରାମପଞ୍ଚାୟତ

**ସୁନ୍ଦରଗଡ଼, ୧୩।୨(ସମିସ):** ଲେଫ୍ରିପଡ଼ା ବ୍ଲକ ଗୁଣ୍ଡିଆଡିହିଠାରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା-ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ବୈଷ୍ଣବ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ସମସ୍ତେ ଏହାର ସୁବିଧା ନେବାକୁ ପରାମର୍ଶ ଦେଇଥିଲେ। ବିଡିଓ ଆତସୀ ପରିଡ଼ା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିବିରରେ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ଷ୍ଟଲ୍ ପ୍ରଦର୍ଶିତ କରାଯାଇ ବିଭାଗୀୟ କାର୍ଯ୍ୟକ୍ରମ ଏବଂ ଜନହିତକର କାର୍ଯ୍ୟ ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ବୃଷଭାନୁ ଭୋଇ, ଗୁଣ୍ଡିଆଡିହି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପଙ୍କଜ କୁମାର, ସିଡିପିଓ ସୁଶିଳା ଡୁଙ୍ଗଡୁଙ୍ଗ, ଜିପିଇଓ ଲିଟୁନ ମହାନନ୍ଦିଆ, ଏଏଫ୍ଓ ଜ୍ୟୋତିର୍ମୟୀ ଦାସ, ସରପ ଫୁଲମାଝୀଙ୍କ ସମେତ ପଞ୍ଚାୟତ ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ କର୍ମକର୍ତ୍ତା ଓ ମିଶନ ଶକ୍ତି ବିଭାଗ ଅଧିକାରୀ ଯୋଗଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ପାଣ୍ଡବ ପଟେଲ ଶିବିର ପରିଚାଳନା କରିଥିଲେ।

### ମହୁଲପାଲି ଗ୍ରାମ ପଞ୍ଚାୟତ

ଟାଙ୍ଗରପାଲି ବ୍ଲକ ମହୁଲପାଲି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ଝରଣା ଦଣ୍ଡସେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେଶ ତନ୍ତୀ, ଏବିଇଓ ମାଧବ ପାତ୍ର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଓଡ଼ିଶାରେ ଜଗନ୍ନାଥ ସଂସ୍କୃତି, ଧାର୍ମିକ ସ୍ଥଳଗୁଡ଼ିକର ରୂପାନ୍ତରଣ, ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ, ମହିଳା ସଶକ୍ତୀକରଣ, ବ୍ୟାଙ୍କିଙ୍ଗ ଭିତ୍ତିଭୂମି ବିକାଶ, କ୍ରୀଡ଼ା ଭିତ୍ତିଭୂମି ବିକାଶ ଆଦି ଦିଗରେ ବିଶେଷ ଧ୍ୟାନ ଦିଆଯାଇ ଓଡ଼ିଶାକୁ ସରସ, ସୁନ୍ଦର କରାଯାଇଛି ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବିଭିନ୍ନ ଷ୍ଟଲ ପ୍ରଦର୍ଶିତ ହୋଇଥିଲା।

# ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ

### ଜିଲ୍ଲା ଆଇନ ସେବା ପ୍ରାଧିକରଣ

**ସୁନ୍ଦରଗଡ଼, ୧୩।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଏଥିରେ ସଭାପତିତ୍ୱ କରି ସଭାର ଉଦ୍ଦେଶ୍ୟ ଓ ବର୍ତ୍ତମାନ ସମୟରେ ମଣିଷ ଜୀବନର ମୂଲ୍ୟ, ଦୁର୍ଘଟଣାର କାରଣ ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନସେବା ପ୍ରାଧିକରଣ ସଚିବ ଶୁଭଶ୍ରୀ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ସୁକାନ୍ତ କୁମାର ଦାଶ ଯୋଗଦେଇ ସଡ଼କ ସୁରକ୍ଷା କ'ଣ, ସଡ଼କ ନିୟମ ଉଲ୍ଲଙ୍ଘନଜନିତ ଜରିମାନା ସମ୍ପର୍କରେ ବୁଝାଇଥିଲେ। ଅତିରିକ୍ତ ପରିବହନ ଅଧିକାରୀ ପର୍ଶୁରାମ ମିଶ୍ର ସଡ଼କ ସୁରକ୍ଷାର ବିବିଧ ସୂଚକ ସମ୍ପର୍କରେ ସୂଚନା ଦେଇ ସଡ଼କ ଦୁର୍ଘଟଣା ହ୍ରାସ କରିବାକୁ ହେଲେ ଯୁବପିଢ଼ି ସଚେତନ ହେବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ସତ୍ୟଶୋଭନ ସୋରେଙ୍ଗ, ଅଧ୍ୟାପିକା କବିତା ସାହୁ, ଅଦିତି ମିଶ୍ର, ସେକ୍ସନ ଅଫିସର ପ୍ରଦୀପ କୁମାର ବହିଦାର ପ୍ରମୁଖଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।






### ମସ୍କିକାନୀ ଟୋଲ୍ ପ୍ଲାଜା

ଏଲଏଣ୍ଡଟିର ମସ୍କିକାନୀ ଟୋଲ ପ୍ଲାଜା ପକ୍ଷରୁ ସୁନ୍ଦରଗଡ଼ ସଦର ବ୍ଲକ କୁଣ୍ଡୁକେଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଭଷ୍ମା ଥାନା ଆଇଆଇସି ପ୍ରୀତିମଞ୍ଜରୀ ମେଣ୍ଡୁଲି, ଏଲଏଣ୍ଡଟି ପ୍ରକଳ୍ପ ମୁଖ୍ୟ ଡି.କେ ବାରିକ, ବରିଷ୍ଠ ଅଧିକାରୀ (ମାର୍ଗ ଚାଳକ) ପି. ମଣିକଣ୍ଠନ ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। ହେଲମିଟ ପିନ୍ଧି ବାଇକ ଚଳାଇବା, ନିଶାସକ୍ତ ଅବସ୍ଥାରେ ଗାଡ଼ି ନ ଚଳାଇବା ସମ୍ପର୍କରେ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏଥିରେ ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

# ପବିତ୍ର ମାଘମେଳା ଓ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ

**ହେମଗିରି, ୧୩।୨(ସମିସ):** ଚଳିତ ମାଘ ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରେ ଶନିବାର ହେମଗିରି ବ୍ରାହ୍ମଣୀ ଗୁମ୍ଫାରେ ଆରମ୍ଭ ହୋଇଛି ପବିତ୍ର ମାଘମେଳା। ଶନିବାର କଳସ ଯାତ୍ରା, ପାଞ୍ଚପାଖୁଡ଼ା ଓ ଝାଡ଼ବତି, ରବିବାର ସଂକୀର୍ତ୍ତନ, ମହିମା ଭଜନ, ପାଲା, ସଞ୍ଚାର, କୃଷ୍ଣଗୁରୁ ଆଦି ପରିବେଷଣ କରାଯାଇଥିଲା। ତୃତୀୟ ଦିନ ସୋମବାର ପୂର୍ଣ୍ଣାହୁତି ସହ ପ୍ରସାଦ ସେବନ ଆୟୋଜନ ହୋଇଥିଲା। ଏଥିରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ରବିବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଝରଣା ପାହାଡ଼ ଘେରା ପରିବେଶ ମଧ୍ୟରେ ଅବସ୍ଥିତ ବ୍ରାହ୍ମଣୀ ଗୁମ୍ଫାରେ ବାବାମାନଙ୍କ ଅବସ୍ଥିତି ରହିଆସିଛି। ବିଭିନ୍ନ ସମୟରେ ତିଥି ଅନୁଯାୟୀ ଏଠାରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଆସୁଛି। ନିକଟସ୍ଥ ଗ୍ରାମଗୁଡ଼ିକରେ ବାବାମନେ ଭିକ୍ଷା ମାଗି ଶ୍ରଦ୍ଧାଳୁଙ୍କ ଅନୁଦାନରେ ସମସ୍ତ କାର୍ଯ୍ୟକ୍ରମ କରିଥାନ୍ତି। ପ୍ରାୟ ୧୦ ବର୍ଷ ହେବ ବ୍ରାହ୍ମଣୀ ଗୁମ୍ଫା ପରିଚାଳନା କମିଟି ଗଠନ କରି ହେମଗିରି, କନିକା ଓ ବ୍ରାହ୍ମଣୀ ଗ୍ରାମ ତଥା ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବହୁ ବାଧାବିଘ୍ନ ସତ୍ତ୍ୱେ ଅଲେଖ ମହିମା ଧର୍ମ ପ୍ରଚାରକ ବ୍ରହ୍ମାବଧୂତ ବୀରେନ୍ଦ୍ର କୁମାର ବାବାଙ୍କ ଆଶୀର୍ବାଦ ପାଇବା ପାଇଁ ତଥା ପ୍ରବଚନ ଶୁଣିବା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସତ୍ୟସାଗର ବ୍ରାହ୍ମଣୀ ଗୁମ୍ଫାରେ ବାବା ମାତା ତଥା ଶ୍ରଦ୍ଧାଳୁଙ୍କ ପାଇଁ ଶୌଚାଳୟ, ଆଶ୍ରୟ ଗୃହ ଏବଂ ହୋମଯଜ୍ଞ ପାଇଁ ମଣ୍ଡପ/ଆସ୍ଥାନ ନିର୍ମାଣ କରାଯିବା ସହ ଏହାକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେବାକୁ ପରିଚାଳନା କମିଟି ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି।

# ଲକ୍ଷେ ଘର ସମାଜର ବୈଠକ, ନୂତନ କମିଟି ଗଠନ

**ବାଲିଶଙ୍କରା, ୧୩।୨(ସମିସ):** ବାଲିଶଙ୍କରା ବ୍ଲକ ସରବାହାଲଠାରେ ପଞ୍ଚାୟତସ୍ତରୀୟ ଲକ୍ଷେ ଘର ସମାଜର ବୈଠକ ଅନୁଷ୍ଠିତ ହୋଇଛି। ସୁବାସ ତନ୍ତୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଲକ୍ଷେ ଘର ସମାଜସେବୀ ବୈକୁଣ୍ଠ ତନ୍ତୀ ଯୋଗଦେଇ କହିଲେ, ସମାଜକୁ ସୁଦୃଢ଼ କରିବାକୁ ହେଲେ ମହିଳାମାନେ ଆଗ୍ରହୀ ହେବା ଦରକାର। ସମାଜରୁ କୁସଂସ୍କାର ହଟାଇବା, ନିଶାରୁ ଦୂରରେ ରହିଲେ ସମାଜ ଆଗକୁ ବଢ଼ିବ ବୋଲି ସେ ମତ ଦେଇଥିଲେ।



ସମ୍ମାନିତ ଅତିଥି ଭାବେ କୈଳାସ ତନ୍ତୀ, ପ୍ରେମ ତନ୍ତୀ, ଅଭିମନ୍ୟୁ ତନ୍ତୀ, ଲୁନ୍ଦ୍ର ତନ୍ତୀ, ରାମସିଂ ତାଜନ, ସଚିନ୍ଦ୍ର ତନ୍ତୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସମାଜର ନୂତନ କମିଟି ଗଠନ କରାଯାଇଥିଲା। ବ୍ଲକ ସଭାପତି ରୂପେ ବୈକୁଣ୍ଠ ତନ୍ତୀ, ସମ୍ପାଦକ ପ୍ରେମ ତନ୍ତୀ, ଅଭିମନ୍ୟୁ ତନ୍ତୀଙ୍କୁ ଚୟନ କରାଯାଇଛି। ପଞ୍ଚାୟତ ସଭାପତି ରୂପେ ସୁବାସ ତନ୍ତୀ ଏବଂ ମହିଳାମାନଙ୍କ ମଧ୍ୟରୁ ବିନତା ଲାରଙ୍ଗ, ସମ୍ପାଦିକା କଳ୍ପନା ମହାଭରାଙ୍କୁ ମନୋନୀତ କରାଯାଇଛି। ପ୍ରେମ ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଙ୍ଗରଗାଁ କ୍ରିକେଟ ପ୍ରତିଯୋଗିତା: ଖତକୁରବାହାଲ ଚାମ୍ପିଅନ

**ସୁନ୍ଦରଗଡ଼, ୧୩।୨(ସମିସ):** ଟାଙ୍ଗରଗାଁ ଜାଗୃତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦଯାପିତ ହୋଇଛି। ଏଥିରେ ବଡ଼ଗାଁ, ସବଡେଗା ଓ କୁତ୍ରା ବ୍ଲକର ୧୬ ଦଳ ଅଂଶଗ୍ରହଣ କରିଥିଲେ। ଖତକୁରବାହାଲ ଓ ପଞ୍ଚରା ମଧ୍ୟରେ ଫାଇନାଲ ଖେଳ ହୋଇଥଲା। ଖତକୁରବାହାଲ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଖତକୁରବାହାଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୧୮ ରନ କରିଥିଲା। ୧୧୯ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିବା ପଞ୍ଚରା ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୬୮ ରନରେ ଅଲଆଉଟ ହୋଇଯାଇଥିଲା। ଉଦଯାପନୀ ଉତ୍ସବରେ ବଡ଼ଗାଁ (କ) ଜିଲ୍ଲାପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚାମ୍ପିଅନ ଖତକୁରବାହାଲ ଦଳକୁ ଟ୍ରଫି ସହ ୧୮ ହଜାର ଟଙ୍କା ଓ ରନର୍ସଅପ ପଞ୍ଚରା ଦଳକୁ ୧୪ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟର ଭାବେ ସୁରେନ୍ଦ୍ର ସାହୁ, ରାଜେନ୍ଦ୍ର ଡନସନା, ସରୋଜ ସାହୁ, ଗଜେନ୍ଦ୍ର ମଲିକ ଖେଳ ପରିଚାଳନା କରିଥିଲେ। କ୍ଲବର ଯୁଗଳ ସାହୁ, ପ୍ରଦୀପ ମଲିକ, ହୃଦାନନ୍ଦ ସାହୁ, ନନ୍ଦକିଶୋର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କୁତ୍ରା ପଞ୍ଚାୟତରେ ସଶକ୍ତ ଓଡ଼ିଶା ସାଥୀ ଶିବିର

**କୁତ୍ରା, ୧୩।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କୁତ୍ରା ପଞ୍ଚାୟତ ପ୍ରାଙ୍ଗଣରେ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଜନଜାତି ସଂସ୍କୃତିର ପ୍ରଗତି, କଲ୍ୟାଣ ଓ ସଂରକ୍ଷଣ ଲକ୍ଷ୍ୟ ନେଇ ସଶକ୍ତ ଓଡ଼ିଶା ସାଥୀ ଶିବିର ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କୁତ୍ରା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା, ସମ୍ମାନିତ ଅତିଥି ଭାବେ କୁତ୍ରା ବିଡିଓ ଯୁଗଳ କିଶୋର ବିଶ୍ୱାଳ, ଏବିଡିଓ ଲିଲି ସଞ୍ଜିତା କୁଲ୍ଲୁ ଯୋଗଦେଇ ଜନଜାତି କଲ୍ୟାଣ, ସଂସ୍କୃତି, ପରମ୍ପରାର ପ୍ରଗତି ଉପରେ ଆଲୋକପାତ କରିଥିଲେ। ପୂର୍ବତନ ପୁର୍କାପାଲି ସରପଞ୍ଚ ଶଶିଧର ଲାକ୍ରା, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଅନନ୍ତ ବାର୍ଲା, ଡୁନମୁରା ସରପଞ୍ଚ ତରଣୀସେନ ବରିହା, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଦୀପକ ମହାନନ୍ଦିଆ, ଖତକୁରବାହଲ ସମିତିସଭ୍ୟା ପୁଷ୍ପା ତିର୍କୀ ତଥା ଅନ୍ୟାନ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୭୫ଜଣ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। କୁତ୍ରା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିନିରାଣୀ ସୋରେନ ଓ ଅତିରିକ୍ତ ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦମୟନ୍ତୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମିନିକେତନ ସେଠ ମଞ୍ଚ ପରିଚାଳନା କରିଥିଲେ। ଅଞ୍ଚଳର ବହୁ ସଂଖ୍ୟାରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟାଲଘୁ, ପଛୁଆବର୍ଗ ମହିଳା ଓ ପୁରୁଷ ଯୋଗଦେଇଥିଲେ।



### ● ହେମଗିରିରେ ଆରମ୍ଭ ହେଲା ଲକ୍ଷ୍ମୀ ବସ୍ ସେବା

# ପ୍ରଥମ ପର୍ଯ୍ୟାୟରେ ଆସିଛି ଦୁଇଟି ବସ୍



**ହେମଗିରି, ୧୩।୨(ସମିସ):** ମଙ୍ଗଳବାର ହେମଗିରି ବ୍ଲକରେ ଆରମ୍ଭ ହୋଇଛି ଲକ୍ଷ୍ମୀ ବସ୍ ସେବା। ପ୍ରଥମ ପର୍ଯ୍ୟାୟରେ ଦୁଇଟି ବସ୍‌ରେ ସେବା ଆରମ୍ଭ ହୋଇଥିବାବେଳେ ଆଉ ପାଞ୍ଚଟି ବସ୍ ଆସିବାକୁ ଥିବା ସୂଚନା ମିଳିଛି। ପ୍ରଥମ ଦିନରେ ଝାରପଲମ୍ ପଞ୍ଚାୟତ ଗିରିଶିମା ଓ ସାନଘୁମୁଡ଼ା ପଞ୍ଚାୟତ ଆଉଲାଝରନ୍ ଗ୍ରାମକୁ ଗଡ଼ିଥିଲା ବସ୍।

# କ୍ରିକେଟ୍ ଓ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ମନୋହରପୁର ଦଳ ବିଜୟୀ






**ହେମଗିରି, ୧୩।୨(ସମିସ)**

ହେମଗିରି ବ୍ଲକ ଡୁରୁବଗାଠାରେ ଡୁରୁବଗା ଶିବଶକ୍ତି କ୍ଲବ ଦ୍ୱାରା ଆୟୋଜିତ ତ୍ରିଦିବସୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଓ ଗର୍ଜନବାହାଲଠାରେ ସମଲେଶ୍ୱରୀ ୟୁଥ୍ କ୍ଲବ୍ ଦ୍ୱାରା ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ମନୋହରପୁର ଦଳ ଚାମ୍ପିଅନ ହୋଇଛି। ଡୁରୁବଗାଠାରେ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ମନୋହରପୁର ଏବଂ ଧୌରାଅଢ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମନୋହରପୁର ଟିମ୍ ବିଜୟୀ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କାଶୀନାଥ ରାଉତ, ସମିତି ସଭ୍ୟା ଅନୁପମା ମଲ୍ଲିକ, ମାନସୀ ଦର୍ଜୀ, ନାଏବ ସରପଞ୍ଚ ରଜନୀ, ପ୍ରମୋଦ ପତି, ବିଜୟ ନାଏକ ବେହେରା, ସରପଞ୍ଚ ଉପେନ୍ଦ୍ର ମଲ୍ଲିକ, ଏମ୍‌ଡି ସମିମ୍, ଅଜୟ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗର୍ଜନବାହାଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ମନୋହରପୁର ଓ ଏମ୍‌ସିଏଲ ବସୁନ୍ଧରା ମଧ୍ୟରେ ହୋଇଥିଲା। ମନୋହରପୁର ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭ୍ୟ ମହିମା ସେଠ, କଲକାହୁ ମେହେର, ମାତାରାନୀ ଟ୍ରାନ୍ସପୋର୍ଟ ସଭ୍ୟ ଅରବିନ୍ଦ ବାବୁ, ଶେରୁ ବାବୁ, ଡୁଡୁକା ସରପଞ୍ଚ ଜୟକୃଷ୍ଣ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିଅନ ମନୋହରପୁର ଦଳକୁ ୩୦ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ଦଳର ଜୟସିଂହ ମାଝୀ, ନବୀନ ମାଝୀ, ତରୁଣ ସାହୁଙ୍କ ସମେତ ସମସ୍ତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ପଞ୍ଚାୟତ ଅଫିସରେ ବିଜେପି କର୍ମୀଙ୍କ ଝୋଟ ବ୍ୟାଗ୍ ପୋଡ଼ି

### ହିତାଧିକାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା

**ସୁନ୍ଦରଗଡ଼, ୧୩।୨(ସମିସ):** ଟାଙ୍ଗରପାଲି ବ୍ଲକ ମହୁଲପାଲି ପଞ୍ଚାୟତର କେତେକ ହିତାଧିକାରୀଙ୍କ ଝୋଟ ବ୍ୟାଗକୁ ଛଡ଼ାଇ ନେଇ ବିଜେପି କର୍ମୀମାନେ ପୋଡ଼ିଦେଇଛନ୍ତି। ଏ ନେଇ ହିତାଧିକାରୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମଙ୍ଗଳବାର ପଞ୍ଚାୟତର ଯୋଗାଣ ସହାୟକ ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟରେ ଖାଦ୍ୟ ନିରାପତ୍ତା ଯୋଜନା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଗୋଟିଏ ବଡ଼ ଓ ଗୋଟିଏ ଛୋଟ ଝୋଟ ବ୍ୟାଗ ବଣ୍ଟନ କରୁଥିଲେ। ହିତାଧିକାରୀମାନେ ଧାଡ଼ି ବାନ୍ଧି ଶୃଙ୍ଖଳିତ ଭାବେ ବ୍ୟାଗ ଗ୍ରହଣ କରୁଥିବା ବେଳେ କେତେକ ବିଜେପି କର୍ମୀ ସେଠାରେ ପହଞ୍ଚି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିଲେ। କେତେଜଣ



ହିତାଧିକାରୀଙ୍କଠାରୁ ବ୍ୟାଗ ଛଡ଼ାଇ ନେଇ ପୋଡ଼ିଦେଇଥିଲେ। ତେବେ ଏହି ଘଟଣାକୁ ହିତାଧିକାରୀମାନେ ବିରୋଧ କରିଛନ୍ତି। ଏହା ବିଜେପି କର୍ମୀଙ୍କ ଜନବିରୋଧୀ କାର୍ଯ୍ୟ ବୋଲି ସେମାନେ ଦର୍ଶାଇଛନ୍ତି। ଏ ନେଇ ଥାନାରେ ଏତଲା ଦିଆଯିବ ବୋଲି ଜଣେ ପଞ୍ଚାୟତିରାଜ ପ୍ରତିନିଧି କହିଛନ୍ତି। ତେବେ ରିପୋର୍ଟ ପ୍ରସ୍ତୁତି ଯାଏ ଏ ନେଇ ଥାନାରେ ଏତଲା ହୋଇ ନ ଥିବା ଜଣାପଡ଼ିଛି।

## ବ୍ଲକ ଉପାଧ୍ୟକ୍ଷଙ୍କ ହରଭଙ୍ଗା ପଞ୍ଚାୟତ ପରିଦର୍ଶନ

**ହରଭଙ୍ଗା, ୧୩।୨(ସମିସ):** ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ ପ୍ରଧାନ ହରଭଙ୍ଗା ପଞ୍ଚାୟତ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ କରିଛନ୍ତି। ପଞ୍ଚାୟତର ସବୁ ଉନ୍ନୟନ କାର୍ଯ୍ୟଗୁଡ଼ିକ ତଦାରଖ କରିବା ସହ 'ମୋ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ଚାଲିଥିବା ଆଦେଶ୍ୱର ଶିବ ମନ୍ଦିର ବୁଲି ଦେଖିବା ସହ କାର୍ଯ୍ୟର ତଦାରଖ କରିଥିଲେ। ଗ୍ରାମ୍ୟ କମିଟି ସହ ମନ୍ଦିର ବାବଦରେ ଆଲୋଚନା କରିଥିଲେ। ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ କହିଥିଲେ। ମୋ ଓଡ଼ିଶା ନବୀନ ଓଡ଼ିଶା ଅନୁଦାନରେ ଯଦି ମନ୍ଦିର ସମ୍ପୂର୍ଣ୍ଣ ହୋଇ ନ ପାରିଲା ତା ହେଲେ ଆଉ କିଛି ଅନୁଦାନ ବ୍ଲକ ତରଫରୁ ଯୋଗେଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମିତିସଭ୍ୟ ଚିତ୍ତରଞ୍ଜନ ସେଠୀ, ଗ୍ରାମ୍ୟ କମିଟିର ବିଜୟାନନ୍ଦ ସାହୁ, ଚତୁର୍ଭୁଜ ଖଟୁଆ, ପ୍ରାଣବନ୍ଧୁ ସାହୁ, ହରେନ ଲାଲ ପ୍ରମୁଖ ଉପସ୍ଥିତ ଥିଲେ।



## ୧୧ହଜାର ଗଞ୍ଜେଇ ଗଛ ନଷ୍ଟକଲା ପୁଲିସ

**ଶଗଡ଼ା, ୧୩।୨(ସମିସ):** ଘଣ୍ଟାପଡ଼ା ପୁଲିସ ନାରାୟଣ ପ୍ରସାଦ ପଞ୍ଚାୟତ ଅଧୀନ ନାଦେନ୍ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଚଢ଼ଉ କରି ବେଆଇନ ଭାବରେ ଚାଷ ହୋଇଥିବା ୧୧ ହଜାର ଗଞ୍ଜେଇ ଗଛ କାଟି ପୋଡ଼ି ନଷ୍ଟ କରିଛି। ନଷ୍ଟ ଗଞ୍ଜେଇ ଗଛର ଆନୁମାନିକ ବଜାର ମୂଲ୍ୟ ୧କୋଟି ଟଙ୍କାରୁ ଅଧିକ ହେବ। ଏ ସଂକ୍ରାନ୍ତରେ ଘଣ୍ଟାପଡ଼ା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।



## ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ଧାରଣା




**ବୌଦ୍ଧ, ୧୩।୨(ସମିସ):** ବୌଦ୍ଧ ଜିଲ୍ଲା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିଭିନ୍ନ ଦାବି ନେଇ ଧାରଣା ଦିଆଯାଇଛି। ଗ୍ରାମ୍ୟ କୃଷି କର୍ମଚାରୀଙ୍କ କ୍ୟାଡର ପୁନର୍ବିନ୍ୟାସ, ୪୨୦୦ ଟଙ୍କାକୁ ଗ୍ରେଡ୍ ପେ ବୃଦ୍ଧି ଓ ଅନ୍ୟାନ୍ୟ ଦାବିରେ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା କୃଷି କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବେ ବୋଲି ସୂଚନା ମିଳିଛି। ସଂଘର ସଭାପତି ଶୁଭାଶିଷ ଶତପଥୀ, ଉପସଭାପତି ସୁନୀତା ମେହେର, ସମ୍ପାଦକ ଦେବଦତ୍ତ ମହାପାତ୍ର ଓ ସାଧାରଣ ସମ୍ପାଦକ ଛାୟକାନ୍ତ କୁମ୍ଭାରଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଧାରଣା ଦାବି ପୂରଣ ପର୍ଯ୍ୟନ୍ତ ଜାରି ରହିବ ବୋଲି ସଭାପତି ଶ୍ରୀ ଶତପଥୀ ସୂଚନା ଦେଇଛନ୍ତି।

## ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ, ୧୩।୨(ସମିସ):** ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ମର୍ଯ୍ୟାଦାପୁର ରାମଲୀଳା ମଣ୍ଡପରେ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସାସ୍ୱତି ମିଶ୍ର ଅଧ୍ୟକ୍ଷତା କରିଥିଲେ। ସହକାରୀ ଶ୍ରମ ଅଧିକାରୀ କନ୍ୟା କୁମାରୀ ସାହୁ ଏବଂ ମର୍ଯ୍ୟାଦାପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ଖୁଣ୍ଟବନ୍ଧ ଗ୍ରାମ ପଞ୍ଚାୟତର ଶ୍ରମିକ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

**ପଞ୍ଚାୟତସ୍ତରୀୟ ସଚେତନତା ଶିବିର**

## ବିକାଶ ନକ୍ସା ଆଙ୍କୁଛି 'ଆମ ଓଡ଼ିଶା ନବୀନ ଓଡ଼ିଶା'

**ସୁବଳୟା, ୧୩।୨(ସମିସ)**

ଗ୍ରାମାଞ୍ଚଳ ଭିତ୍ତିଭୂମି ପ୍ରୟାସ ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ବିଭିନ୍ନ ଜନହିତକର କାର୍ଯ୍ୟଗୁଡ଼ିକ ଉପରେ ପଞ୍ଚାୟତର ଜନସାଧାରଣଙ୍କୁ ସଚେତନତା ଏବଂ ଲୋକାଭିମୁଖୀ ଲକ୍ଷ୍ୟ ନେଇ ୫-ଟି ଯୋଜନା ମାଧ୍ୟମରେ ରୂପାନ୍ତରିତ କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦିଆଯିବା ସହ ବିକାଶର ନକ୍ସା ଆଙ୍କୁଛି 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସୁବଳୟାଠାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରମୋଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ନାରାୟଣ, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ଆମ୍ବ ଅଧ୍ୟକ୍ଷ ବିବୁସ୍ୱତି ପଣ୍ଡା, ଉଫୁଲା ସରପଞ୍ଚ ଶ୍ରାୟା କର୍ମୀ, ସ୍ଥାନୀୟ ସମିତି ସଭ୍ୟା ଲିଲି ମେହେର, କମିରା ସରପଞ୍ଚ ଅନୁସୟା ପଧାନ, ଅତିରିକ୍ତ ବିଡିଓ ପୁରୁଷୋତ୍ତମ ଧାରୁଆ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଯଥା 'ଆମ ଓଡ଼ିଶା ନବୀନ ଓଡ଼ିଶା', ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା, କାଳିଆ ଯୋଜନା ଭଳି ଅନେକ ଜନହିତକର ଯୋଜନା ଦ୍ୱାରା



ଗ୍ରାମାଞ୍ଚଳ ଭିତ୍ତିଭୂମି ସୁଦୃଢ଼ ହେବାକୁ ଯାଉଛି ବୋଲି ଉପାଧ୍ୟକ୍ଷ ଶ୍ରୀ ଲୁହା ମତ ପ୍ରକାଶ କରିଥିଲେ। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ପଞ୍ଚାୟତର ବିକାଶ ନେଇ ପୁସ୍ତକ ବଣ୍ଟନ କରାଯାଇଥିଲା। 'ଆମ ଓଡ଼ିଶା ନବୀନ ଓଡ଼ିଶା'ରେ ପଞ୍ଚାୟତର ୧୩ଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ ଅନୁଦାନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୨୧୮୪ ଜଣ ହିତାଧିକାରୀ ଅନ୍ତର୍ଭୁକ୍ତ, ୫୬୯ ଜଣ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା, ୨୨୭୮ ପରିବାରକୁ ରାସନ କାର୍ଡ, ୩୬ଟି ମିଶନ ଶକ୍ତି ଗୋଷ୍ଠୀଙ୍କୁ ବିନା ସୁଧରେ ୬୯ ଲକ୍ଷ ଟଙ୍କା ଋଣ ପ୍ରଦାନ, ୧୧୦୭ ଜଣ ହିତାଧିକାରୀଙ୍କୁ କାଳିଆ ଯୋଜନାରେ ସାମିଲ, ୩୦୭ ଜଣ ଗର୍ଭବତୀଙ୍କୁ ମମତା ଯୋଜନାରେ ସାମିଲ ହୋଇଥିବା ନେଇ ବିକାଶ ପୁସ୍ତକରେ ଉଲ୍ଲେଖ ରହିଛି। ଏହି ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀ, ସାମ୍ବାଦିକ ରାଜେଶ ସେଠୀ, ସୁଦାମ ମେହେର ଓ ସୁମନ୍ତ ବନଝୁରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଏମବିକେ ବବିତା ରାଣୀ ମହାପାତ୍ର, ମିଶନଶକ୍ତି ପଞ୍ଚାୟତ ସଭାପତି ମିରା ବାରିକ ଓ ଜନସାଧାରଣ ଉପସ୍ଥିତ ଥିଲେ।

**ପ୍ରମାଣ ଦେଲା ପଞ୍ଚାୟତ ପୁସ୍ତକ**

**ଜହ୍ନାପଙ୍କ:** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କମିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶବର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମିନତୀ ଦେଓ, ଜିଲ୍ଲା ପରିଷଦ ସଦସ୍ୟା ଉର୍ମିଳା ଝାଙ୍କର, ନାଏବ୍ ସରପଞ୍ଚ ସୁମନ୍ତ ନାଏକ, ପୂର୍ବତନ ସରପଞ୍ଚ ବିଦ୍ୟାଧର ସ୍ୱାଇଁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରୀ ଯୋଜନାର ପ୍ରଚାର କରାଯାଇଥିଲା। ତତସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା କଳାକାର, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରା ଯାଇଥିଲା

## ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଉଦ୍‌ଯାପିତ

**ମନମୁଣ୍ଡା, ୧୩।୨(ସମିସ):** ମନମୁଣ୍ଡା ପଞ୍ଚାୟତ ନୂର୍ପା ଶ୍ରୀ ବ୍ରଜେଶ୍ୱର ବାବା ଶିବ ମନ୍ଦିରରେ ୭ ଦିନ ଧରି ଅନୁଷ୍ଠିତ ଶ୍ରୀମଦ୍ ଭାଗବତ ମହାପୁରାଣ ସପ୍ତାହ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ଜ୍ୟୋତିରଞ୍ଜନ ପଣ୍ଡା ପୂଜାର୍ଚ୍ଚନା କରି କରିଥିଲେ। କର୍ତ୍ତା ଭାବେ ମୂରଲୀଧର ମଲ୍ଲିକ ଓ ତାଙ୍କ ପତ୍ନୀ ମାଧବୀ ମଲ୍ଲିକ ଦାୟିତ୍ୱ ତୁଲାଇଥିଲେ। ସୁରମଣୀ ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, ବିଭୀଷଣ ମଲ୍ଲିକ, ସତ୍ୟନାରାୟଣ ମଲ୍ଲିକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲାବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

## ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ଡୁଙ୍ଗୁରିପାଲି, ୧୩।୨(ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ମହାବିଦ୍ୟାଳୟରେ ୪ଦିନ ଧରି ଚାଲିଥିବା ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧ୍ୟକ୍ଷ ସାମନ୍ତ ଚନ୍ଦ୍ର ସାହୁ, ଭାଗବତ ପଧାନ ଅତିଥି ଭାବେ ଯୋଗ ଦେଇଥିଲେ। ସରୋଜ ଦାଶ ସ୍ୱାଗତ ଅଭିଭାଷଣ, ଅତିଥି ପରିଚୟ ସାଙ୍ଗକୁ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ଅଧ୍ୟାପକ ଲକ୍ଷ୍ମଣ ଭୁଏ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅଧ୍ୟାପକ ଶ୍ୟାମସୁନ୍ଦର ସୁନା ଧନ୍ୟବାଦ ଅର୍ପଣ କରିଥିଲେ।



## ବାରଣ୍ଡାରେ ପରୀକ୍ଷା ଦେଲେ ଯୁକ୍ତ ୩ ଛାତ୍ରଛାତ୍ରୀ

**ବୌଦ୍ଧ, ୧୩।୨(ସମିସ):** କଲେଜ ବାରଣ୍ଡାରେ ସେମିଷ୍ଟାର ପରୀକ୍ଷା ଦେଲେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ରଛାତ୍ରୀ। ଆଗାମୀ ସାଧାରଣ ନିର୍ବାଚନ ପାଇଁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଇଭିଏମ ଷ୍ଟ୍ରଙ୍ଗରୁମ ହେବାକୁ ଥିବାବେଳେ ଜିଲ୍ଲା ପ୍ରଶାସନ ଆଗୁଆ ଭାବେ କଲେଜର କେତେକ ହଲକୁ ନିଜ ଅଧୀନକୁ ନେଇ ସାରିଛି। ଏହା ଫଳରେ ସ୍ଥାନାଭାବ ଯୋଗୁଁ ଛାତ୍ରଛାତ୍ରୀ ବାରଣ୍ଡାରେ ପରୀକ୍ଷା ଦେଉଛନ୍ତି। ଫେବୃଆରୀ ୧୩ ତାରିଖରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ ସେମିଷ୍ଟାର ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଏଭଳି ଅବ୍ୟବସ୍ଥା ଦେଖା ଦେଇଛି। ଏଭଳି ସ୍ଥିତିରେ ମଙ୍ଗଳବାର କଲେଜ ବାରଣ୍ଡାରେ ବସି ୩୦୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଏପରିକି କିଛି ପରୀକ୍ଷାର୍ଥୀଙ୍କ ଦେହରେ ଖରା ପଡୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଏହାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏ ସମ୍ପର୍କରେ ବୌଦ୍ଧ ଉପ ଜିଲ୍ଲାପାଳ ତଥା ଇଲେକ୍ସନ ରିଟର୍ନିଙ୍ଗ ଅଫିସର ରବୀନ୍ଦ୍ରନାଥ କହଁର ଏହାକୁ କଲେଜର ଅନ୍ତରୀଣ ସମସ୍ୟା ବୋଲି ପ୍ରସଙ୍ଗ ଏଡେଇ ଯାଇଛନ୍ତି। ତେବେ ଆସନ୍ତା ୧୬ ତାରିଖରୁ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ପ୍ରାୟ ୬୦୦ ପରୀକ୍ଷାର୍ଥୀ ଏହି କଲେଜରେ ପରୀକ୍ଷା ଦେବେ। ଏଭଳି ସ୍ଥିତିରେ ପରୀକ୍ଷା ପରିଚାଳନା ପାଇଁ ଆହୁରି ଅସୁବିଧା ସୃଷ୍ଟି ହେବ ବୋଲି କଲେଜ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା କହିଛନ୍ତି।

## ଉପାନ୍ତ ଅଞ୍ଚଳରେ ପୁଲିସର ଜନମୈତ୍ରୀ ଶିବିର

**ଚାରିଛକ, ୧୩।୨(ସମିସ):** ହରଭଙ୍ଗା ବ୍ଲକର ଦୁର୍ଗମ ତଳଗାଁ ପଞ୍ଚାୟତରେ ପୁଲିସ ପକ୍ଷରୁ ଜନମୈତ୍ରୀ ଶିବିର ଅନୁଷ୍ଠିତ ହୋଇଯାଇଛି। ମାଓବାଦୀମାନଙ୍କ ସହ ସମ୍ପର୍କ ନ ରଖି ତାଙ୍କ ଗତିବିଧି ଉପରେ ସନ୍ଦେହ ଆସିଲେ ସାଙ୍ଗେ ସାଙ୍ଗେ ଜଣାଇବାକୁ ପୁଲିସ କହିଛି। ଏହି ଅବସରରେ ସ୍ଥାନୀୟ ଯୁବକଙ୍କୁ ନେଇ ମଧ୍ୟରେ ଏକ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚମ୍ପିଅନ ଦଳକୁ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। କ୍ରିକେଟ ସାରଞ୍ଜାମ ସହିତ ଲୋକଙ୍କୁ କମଳ, ପିଲାଙ୍କୁ ବହିଖାତା, ବ୍ୟାଗ ଆଦି ବଣ୍ଟନ କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଏ.ମିଞ୍ଜ, ଆର ଆଇ କୁଳମଣୀ ଗିରି, ସର୍ଜେଣ୍ଟ ଦୁଷ୍ମନ୍ତ ସାହୁ, ହରଭଙ୍ଗା ଥାନା ଭାରପ୍ରାପ୍ତ ଅଧିକାରୀ ନଳିନୀକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ।



## ମାଟ୍ରିକ ପରୀକ୍ଷା କେନ୍ଦ୍ର ଅଧୀକ୍ଷକ, ପର୍ଯ୍ୟବେକ୍ଷକ ପ୍ରଶିକ୍ଷଣ ଶିବିର

**ବୌଦ୍ଧ, ୧୩।୨(ସମିସ):** ବୌଦ୍ଧ ସର୍ବ ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ପ୍ରଶିକ୍ଷଣ କେନ୍ଦ୍ରରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମାଟ୍ରିକ ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ଓ ପର୍ଯ୍ୟବେକ୍ଷକମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଗେଦ୍ରା କୁଜୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଆସନ୍ତା ମାଟ୍ରିକ ପରୀକ୍ଷା କେନ୍ଦ୍ରର ସୁପରିଚାଳନା ପାଇଁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରା ଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୟନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାରେ ମାଟ୍ରିକ ପରୀକ୍ଷା କେନ୍ଦ୍ର ହେବାକୁ ଥିବା ସମସ୍ତ ହାଇସ୍କୁଲର କେନ୍ଦ୍ର ଅଧୀକ୍ଷକ, ପ୍ରଧାନ ଶିକ୍ଷକ ଓ ପର୍ଯ୍ୟବେକ୍ଷକମାନେ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ।



**ସର୍ବଭାରତୀୟ ରାମଧୂନ୍ କପ୍ ଫୁଟବଲ**

## ସେମିରେ ଭୁବନେଶ୍ୱର ଜଗା ୟୁନାଇଟେଡ୍

**ସୋନପୁର, ୧୩।୨(ସମିସ):** ୧୫ତମ ଅଲ ଇଣ୍ଡିଆ ରାମଧୂନ କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଭୁବନେଶ୍ୱର ଜଗା ୟୁନାଇଟେଡ୍ ଏବଂ କଲିକତା ବେଲଘରିଆ ଆଥଲେଟିକ କ୍ଲବ୍ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲା। କଲିକତା ବେଲଘରିଆ ଆଥଲେଟିକ ଦଳକୁ ୨-୦ ଗୋଲରେ ଭୁବନେଶ୍ୱର ଜଗା ୟୁନାଇଟେଡ୍ କ୍ଲବ ହରାଇ ସେମିକୁ ପ୍ରବେଶ କରିଛି। ମ୍ୟାନ ଅଫ ଦି ମ୍ୟାଚ ଭାବେ ଭୁବନେଶ୍ୱର ଦଳର ଅବିନାଶ ମୁଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ସୋନପୁର ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଯୁବ ସଂଗଠକ ନିଶାନ୍ତ ମହାନ୍ତି, ସୁବ୍ରତ ସେଠୀ, ଟ୍ରାକ୍ଟର ସଂଘ ସଭାପତି ଶିବ ନାରାୟଣ ବହିଦାର, ସମ୍ପାଦକ କୋଶଲେଶ୍ୱର ବହିଦାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱର ଜଗା ୟୁନାଇଟେଡ ପ୍ରାୟୋଜକ ନାଇସେଟ୍ ସଂସ୍ଥାର ରମଣ ପଧାନ, କଲିକତା ଟିମ୍ ପ୍ରଯୋଜକ ବଗଳା ଜ୍ୱେଲର୍ସର ରୂପେଷ ଅଗ୍ରୱାଲ, ମହାନଦୀ ଧାରା ନିର୍ଦ୍ଦେଶକ ପ୍ଲାବନ ମହାପାତ୍ର, ଜ୍ୟୋତି ମୋଟର୍ସର ପ୍ରମୋଦ ମହାନ୍ତି ଯୋଗ ଦେଇଥିଲେ। ମୁଖ୍ୟ ରେଫରି ଭାବେ ଦିଲ୍ଲୀପ ରାଉତ ଖେଳ ପରିଚାଳନା କରିଥିଲେ। ପିଇଟି ସଲୀଳ ବେହେରା, ଶୁଭାଶିଷ ବେହେରା, ସଞ୍ଜୀବ ସାହୁ ସହଯୋଗ କରିଥିଲେ। କ୍ଲବ୍ ସମ୍ପାଦକ ପୀୟୂଷ ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ।



## କୃଷକ ସଂଘ ବୈଠକ

**ଶଗଡ଼ା, ୧୩।୨ (ସମିସ):** କଣ୍ଡାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ନୀଳକଣ୍ଠେଶ୍ୱର କୃଷକ ଉତ୍ପାଦକ କମ୍ପାନୀ (କୁମରକେଲି) ତରଫରୁ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଯାଇଛି। ଏଥିରେ ଜୟକୃଷ୍ଣ ପ୍ରଧାନ, ସବ୍ୟସାଚି କର୍ଣ୍ଣ ଯୋଗ ଦେଇଥିଲେ। ଚାଷୀ କିଭଳି ଲାଭବାନ ହେବେ, ବିଭିନ୍ନ ପ୍ରକାରର ଚାଷ ମାଧ୍ୟମରେ ଅଧିକ ଉତ୍ପାଦନ କରି ବିକ୍ରି କରିବେ, ବିହନଠାରୁ ବଜାର ପର୍ଯ୍ୟନ୍ତ ଠିକ୍ ସୁବିଧା ପାଇପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ନିମିତ୍ତ ପ୍ରସ୍ତୁତି ବୈଠକ

**ସୋନପୁର, ୧୩।୨(ସମିସ):** ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବର୍ଦ୍ଧନା ଉତ୍ସବ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ସମେତ ଜିଲ୍ଲା ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖ ସୋନପୁର ରାମେଶ୍ୱର ଷ୍ଟାଡିୟମରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେବେ। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତଥା ପ୍ରତିଭା ନିମନ୍ତେ ଛାତ୍ରଛାତ୍ରୀ, ବିଦ୍ୟାଳୟ, ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ଶ୍ରେଷ୍ଠ ଶିକ୍ଷା ପଞ୍ଚାୟତକୁ ସମ୍ବର୍ଦ୍ଧିତ କରାଯିବ।



**ଅଲଇଣ୍ଡିଆ ଫୁଟବଲ ପଞ୍ଚମ ଦିବସ**

## ଫାଇନାଲ ପୁରୁଷରେ ସମ୍ବଲପୁର, ମହିଳାରେ ଦେବଗଡ଼

**କଣ୍ଡାମାଳ, ୧୩।୨(ସମିସ)**

କଣ୍ଡାମାଳ ଆଥଲେଟିକ ଆସୋସିଏସନ ଦ୍ୱାରା ସ୍ଥାନୀୟ କଲେଜ ଖେଳ ପଡ଼ିଆରେ ଆୟୋଜିତ ପ୍ରଥମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ପଞ୍ଚମ ଦିବସରେ ଉଭୟ ପୁରୁଷ ଓ ମହିଳା ଦଳ ମଧ୍ୟରେ ଏକ ସଂଘର୍ଷପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଛି। ଅନୁଷ୍ଠିତ ପ୍ରଥମ ଖେଳ ସମ୍ବଲପୁର ଓ ବଲାଙ୍ଗୀର (ପୁରୁଷ) ଦଳ ମଧ୍ୟରେ ଖୁବ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଖେଳ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ପରେ ଟ୍ରାଇବେକର ଜରିଆରେ ସମ୍ବଲପୁର ଦଳ ବଲାଙ୍ଗୀରକୁ ୫-୪ ଗୋଲରେ ହରାଇ ଫାଇନାଲକୁ ପ୍ରବେଶ କରିଛି। ସେହିପରି ମହିଳା ମ୍ୟାଚରେ ମନୋରମା କ୍ଲବ ଦେବଗଡ଼ ଓ ବୀରମହାରାଜପୁର ଦଳ ମଧ୍ୟରେ ହୋଇଥିଲା। ଏଥିରେ ଦେବଗଡ଼ ଦଳ ୧-୦ ଗୋଲରେ ବୀରମହାରାଜପୁରକୁ ହରାଇ ଫାଇନାଲକୁ ଯାଇଛି। ଖେଳରେ ଅତିଥିଭାବେ ବିଜେଡି ରାଜ୍ୟ ଉପସଭାପତି ସୁଧିର ମହାକୁଡ଼, ଆଇନଜୀବୀ ରାଧାବଲ୍ଲଭ ପ୍ରଧାନ, ଅବସରପ୍ରାପ୍ତ ଖେଳ ନିରୀକ୍ଷକ ବୀରେନ୍ଦ୍ର ସାହୁ ଯୋଗ ଦେଇଥିଲେ। ମନୋଜ ଶର୍ମା ଓ ସୁଦାମ ମିଶ୍ର ଖେଳର ଧାରା ବିବରଣୀ ଦେଇଥିଲେ। ଅଭିଲାଷ ପ୍ରସାଦ ସାହୁ, ପ୍ରକାଶ ପ୍ରଧାନ, ସଦାଶିବ ମହାନନ୍ଦ ଓ ସୁଜିତ ଖଟୁଆ ମ୍ୟାଚ ରେଫରୀ ଭାବେ କାର୍ଯ୍ୟ କରିଥିଲେ। ଅବସରପ୍ରାପ୍ତ ଖେଳ ପ୍ରଶିକ୍ଷକ ବୀରେନ୍ଦ୍ର ସାହୁ ମ୍ୟାଚ କମିଶନର ଭାବେ ସହଯୋଗ କରିଥିଲେ। ବୁଧବାର ମନୋରମା କ୍ଲବ ଦେବଗଡ଼ ଓ ଟିଟିଲାଗଡ଼ ମହିଳା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## କୁଷ୍ଠ ରୋଗ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ, ୧୩।୨(ସମିସ):** ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କୁଷ୍ଠ ନିରାକରଣ ୟୁନିଟ୍ ତରଫରୁ ଯୁବ ରେଡକ୍ରସର ମିଳିତ ସହଯୋଗରେ କୁଷ୍ଠ ରୋଗ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା କୁଷ୍ଠ ନିରାକରଣ ଅଧିକାରୀ ଡା. ବି କେ ଆର ସି ଦେଓ ହେମ୍ବ୍ରମ ଯୋଗ ଦେଇଥିଲେ। କୁଷ୍ଠ ରୋଗକୁ ଲୁଚାଇବା ଫଳରେ ଏହା ବୌଦ୍ଧ ଜିଲ୍ଲାରେ ବହୁ ପରିମାଣରେ ଦେଖାଯାଉଛି ବୋଲି ସେ କହିଥିଲେ। ଔଷଧ ସେବନ କଲେ ଏହି ରୋଗ ସମ୍ପୂର୍ଣ୍ଣ ଭଲ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା କୁଷ୍ଠ ରୋଗ ପରାମର୍ଶଦାତା ଡ. ଅମରେନ୍ଦ୍ର ମହାପାତ୍ର ଯୋଗଦେଇ କୁଷ୍ଠ ରୋଗର କାରଣ ଓ ନିରାକରଣ ଉପରେ ବିସ୍ତୃତ ଆଲୋଚନା କରି ଅକର୍ମଣ୍ୟ କୁଷ୍ଠ ରୋଗୀଙ୍କୁ କେବେହେଲେ ଘୃଣା କରିବା ଉଚିତ ନୁହେଁ ବୋଲି କହିଥିଲେ। ସେମାନଙ୍କ ସହ ରହିଲେ ଖାଇଲେ ମଧ୍ୟ ଏହି ରୋଗ ସଂକ୍ରମଣ ହୁଏ ନାହିଁ; କାରଣ ସେମାନଙ୍କ ପାଖରେ ରୋଗ ଜୀବାଣୁ ନ ଥାଏ ବୋଲି କହିଥିଲେ। ଯୁବ ରେଡକ୍ରସ ସମ୍ପାଦକ ଅଧ୍ୟାପକ ଡ. ପ୍ରବୀର ଦାସ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର ବିଜେତାମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ସମସ୍ତ ଛାତ୍ରଛାତ୍ରୀ କୁଷ୍ଠ ରୋଗୀମାନଙ୍କୁ ବାଛ ବିଚାର ନ କରିବାକୁ ଶପଥ ପାଠ କରିଥିଲେ। ସ୍ୱାସ୍ଥ୍ୟ କର୍ମୀ ମୃତ୍ୟୁଞ୍ଜୟ ଭୁଜବଳ ଧନ୍ୟବାଦ ଅର୍ପଣ କରିଥିଲେ।



